


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 FEBRUARY 2021

Vol.No. 31 ■ No. 41 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଇ ଲ' ପ୍ରତ୍ୟାହାର ପାଇଁ ଏନଏମଏକୁ ଚିଠି ଲେଖିଲେ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ

ଭୁବନେଶ୍ୱର,୧୧।୦୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳ ତଥା ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଲିଙ୍ଗରାଜ ମନ୍ଦିର ସମ୍ପର୍କିତ ଏନଏମଏର ବିଜ୍ଞପ୍ତି ପ୍ରତ୍ୟାହାର ପାଇଁ ଚିଠି ଲେଖିଛନ୍ତି । ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟ ଭାବେ ଚିଠି ଲେଖିଛନ୍ତି ଜିଲ୍ଲାପାଳ ସନତ କୁମାର ମହାନ୍ତି ଏହି ପତ୍ରରେ ଲିଙ୍ଗରାଜ ମନ୍ଦିରର ମହତ୍ୱ, ଗୁରୁତ୍ୱ ଓ ବିଶେଷତ୍ୱ ଏସବୁ ବିଷୟରେ ବ୍ୟାଖ୍ୟା କରିଛନ୍ତି । ଏନଏମଏର ବିଜ୍ଞପ୍ତି ପ୍ରତ୍ୟାହାର ନହେଲେ ଏହା କିପରି ସୌନ୍ଦର୍ଯ୍ୟକରଣ ଓ ପ୍ରଭୁଙ୍କ ନୀତିକାନ୍ତି ତଥା ସେବା ଏବଂ ସେବାୟତଙ୍କୁ ପ୍ରଭାବିତ କରିବ ସେ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ତେଣୁ ଏହି ବିଜ୍ଞପ୍ତି ଶିଘ୍ର ପ୍ରତ୍ୟାହାର କରିବାକୁ ସେ ଅନୁରୋଧ କରିଛନ୍ତି । ସେହିପରି ଯଦି ଏନଏମଏ ଆଗକୁ ଏମିତି କୌଣସି ନିଷ୍ପତି ନେଉଛି ତେବେ ପ୍ରଥମେ ସମସ୍ତଙ୍କ ସହ ଆଲୋଚନା କରିବାକୁ ଚିଠିରେ ଅନୁରୋଧ କରିଛନ୍ତି ।

## ନୂତନ ଏସଓପି ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ

ପୁରୀ,୧୧।୦୨ (ନି.ପ୍ର): ଶ୍ରୀମନ୍ଦିର ଖୋଲିବା ନେଇ ପ୍ରଶାସନ ପକ୍ଷରୁ ଗତକାଲି ଜାରୀ ହୋଇଥିବା ନୂତନ ସ୍ୱେଶାଲ ଅପରେଟିଂ ପ୍ରୋସିଜ୍ୟୁର (ଏସଓପି) ଅନୁଯାୟୀ ଆଜି ସକାଳ ୬ଟା ଠାରୁ ଶ୍ରୀଜୀଉମାନଙ୍କ ଦର୍ଶନ ଆରମ୍ଭ ହୋଇଛି । ଭକ୍ତ ମାନେ ଜୋତା ଷ୍ଟାଣ୍ଡ ଠାରୁ ଧାଡିରେ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ରତ୍ନ ସିଂହାସନ ଉପରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରି ଉତର, ପଶ୍ଚିମ ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଏଥି ସହିତ ଭକ୍ତ ମାନେ ଆଜି ମଧ୍ୟାହ୍ନ ଭୋଗ ବାହାରିବା ପରେ ଆନନ୍ଦ ବଜାରରେ ପ୍ରସାଦ ସେବନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜାରୀ ରହିଛି । ଆଜି ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ, ଆଜି ଭୋର୍ ୫ଟା ୪୦ରେ ଦ୍ୱାରଫିଟା, ୬ଟା ୧୦ ଭିତର ଶୋଧ, ୬ଟା ୨୦ ରେ ମଇଲମ, ▶▶ପୃଷ୍ଠା ୭

# ଏଲଏସିରୁ ପଛକୁ ହଟିଲା ଚୀନ ସେନା

## ପିଙ୍ଗର ୮ ଅଞ୍ଚଳକୁ ଫେରିଲେ ପିଏଲଏ ଆର୍ମି, ସୀମାରେ ଫେରୁଛି ଶାନ୍ତି



ନୂଆଦିଲ୍ଲୀ,୧୧।୦୨ (ନି.ପ୍ର): ଦୀର୍ଘ ଦିନର ଆଲୋଚନା ପରେ ଶେଷରେ ଏଲଏସିରୁ ପଛକୁ ହଟୁଛନ୍ତି ଚୀନ ସୈନ୍ୟ । ଗୁରୁବାର ପିଙ୍ଗର ୮ ଅଞ୍ଚଳକୁ ଚୀନ୍ ସୈନ୍ୟ ଫେରୁଥିବା ଦେଖିବାକୁ ମିଳିଛି । ଚୀନ ସୈନ୍ୟ ସହିତ ଭାରତୀୟ ଯବାନ ମଧ୍ୟ ପଛକୁ ହଟୁଛନ୍ତି, ଯାହାର ଭିଡିଓକୁ ଜାରି କରିଛି ଭାରତ । ଦୀର୍ଘ ମାସ ଧରି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସ୍ତରୀୟ ଆଲୋଚନା ହେବା ପରେ ଏବେ ସହମତି ଭିତ୍ତିରେ ଦୁଇ ଦେଶ ଏଲଏସି ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରିଛନ୍ତି । ଗତ ବର୍ଷ ଜୁନ ମାସରେ ପୂର୍ବ ଲଦାଖର ବିବାଦୀୟ ପୋଙ୍ଗୋଙ୍ଗ ସୋ ଅଞ୍ଚଳରେ ଭାରତୀୟ ସେନା ଉପରେ ଚୀନ ସେନା ଅତର୍କିତ ଆକ୍ରମଣ କରିଥିଲା । ଏଥିରେ ୨୦ ଭାରତୀୟ ସୈନ୍ୟ ସହିଦ ହୋଇଥିଲେ । ଏହାପରଠାରୁ ସୀମାରେ ଦୁଇ ଦେଶ ମଧ୍ୟରେ ସବୁବେଳେ ତିକ୍ତତା ଲାଗି ରହୁଥିଲା । ସ୍ଥିତି ଏମିତି ହୋଇଥିଲା ଯେ, ଭାରତ ଓ ଚୀନ ଏହାର ପୋଷ୍ଟ ଗୁଡିକରେ ଯୁଦ୍ଧାସ୍ତ୍ର ଠୁଳ କରିଥିଲେ । ବର୍ତ୍ତମାନ ଦୁଇ ଦେଶ ଭିତରେ ନବମ ପ୍ରତିରକ୍ଷା ମଣ୍ଡଳୀ ସ୍ତରୀୟ ଆଲୋଚନା ହେବା ପରେ ସୈନ୍ୟ ପ୍ରତ୍ୟାହାର ଆରମ୍ଭ ହୋଇଛି ।

## ପ୍ରତିରକ୍ଷା ବିଭାଗ ଗୁପ୍ତତଥ୍ୟ ବିକ୍ରି ମାମଲା

# ଈଶ୍ୱର ବେହେରାଙ୍କୁ ଆଜୀବନ କାରାଦଣ୍ଡ



ବାଲେଶ୍ୱର,୧୧।୦୨ (ନି.ପ୍ର): ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଶତ୍ରୁରାଷ୍ଟ୍ରଏଜେଣ୍ଟକୁ ବିକ୍ରିବା କରିବା ଅଭିଯୋଗରେ ୨୦୧୫ ମସିହାରେ ଗିରଫ ହୋଇଥିବା ଚାନ୍ଦିପୁର ଆଇଟିଆର ଠିକା ଭିଡିଓଗ୍ରାଫର ଈଶ୍ୱର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ ସହ ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ ଗୁରୁବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ-୧ ଗିରିଜା ପ୍ରସାଦ ମହାପତ୍ର ଈଶ୍ୱରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କା ଜରିମାନା ରାୟ ଦେଇଛନ୍ତି । ଆଇପିସି ଧାରା ୧୨୦(ଖ), ୧୨୧ ଓ ୧୨୧(କ) ଏବଂ ସେକ୍ସନ-୫ ଓ ସେକ୍ସନ-୩ ଆଧାରରେ ଦେଶ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ, ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଅର୍ଥ ନେଇ ଶତ୍ରୁରାଷ୍ଟ୍ରକୁ ବିକ୍ରି କରିବା ପ୍ରଭୃତି ଅପରାଧ ପାଇଁ ତାଙ୍କୁ ଏହି ଦଣ୍ଡ ଦିଆଯାଇଥିବା, ରାୟରେ ଉଲେଖ କରାଯାଇଛି । ମାମଲା ବିଚାର ବେଳେ କ୍ରାଇମବ୍ରାଞ୍ଚ ପକ୍ଷର ▶▶ପୃଷ୍ଠା ୭

## ମହିଳାଙ୍କ ମୁଣ୍ଡବିହୀନ ଶବ ମିଳିବା ଘଟଣା: ମିଳିଲା ପରିଚୟ

## ୨ ଅଭିଯୁକ୍ତଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ୍



ଭୁବନେଶ୍ୱର,୧୧।୦୨ (ନି.ପ୍ର): ଭୁବନେଶ୍ୱର ଚନ୍ଦକାର ଅନ୍ଧାରୁଆ-ଦାସପୁରରେ ମହିଳାଙ୍କ ମୁଣ୍ଡକଟା ଶବ ମିଳିବା ଘଟଣା ଉପରୁ ପରଦା ଉଠିଛି । ମୃତ ମହିଳାଙ୍କ କଟା ମୁଣ୍ଡ ମିଳିବା ସହ ତାଙ୍କ ପରିଚୟ ମଧ୍ୟ ମିଳିଛି । ମୃତ ମହିଳା ଜଣକ ହେଲେ ପୁଷ୍ପଲତା ରାଉଳ(୨୮) , ଘର ଭୁବନେଶ୍ୱର ଧିରିକୁଟି ବସ୍ତିରେ । ଏଥିସହ କମିଶନରେଟ୍ ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ପ୍ରଥମେ ବିବାହକୁ ନେଇ ବିବାଦ , ବଚସା ଏବଂ ପରେ ରାଗରେ ପୁଷ୍ପଲତାଙ୍କ ତଂଟିଚିପି ହତ୍ୟା କରିଥିଲା ଅଭିଯୁକ୍ତ ସଂଜୟ । ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ସାଙ୍ଗ ଚନ୍ଦୁ ଓରଫ୍ ଶ୍ରୀକାନ୍ତ ଦାସ ସହଯୋଗ କରିଥିଲା । ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ ବୋଲି କହିଛନ୍ତି ପୋଲିସ୍ କମିଶନର । ଅପରପକ୍ଷେ, ମିଳିଥିବା କଟାମୁଣ୍ଡଟି ଉକ୍ତ ମହିଳାଙ୍କର ନା ନୁହେଁ ତାହା ସ୍ପଷ୍ଟ କରିବା ନିମନ୍ତେ ଶରୀର ସହ ତାହାର ଡିଏନ୍ଏ ମ୍ୟାଚ୍ କରାଯିବ । ଏଥିସହ ▶▶ପୃଷ୍ଠା ୭

## ବିଧାନସଭା ପୂର୍ବରୁ ସର୍ବଦଳୀୟ ବୈଠକ ୧୭ରେ

ଭୁବନେଶ୍ୱର,୧୧।୦୨ (ନି.ପ୍ର): ବିଧାନସଭାର ଆଗାମୀ ବଜେଟ ଅଧିବେଶନ ପୂର୍ବରୁ ଗୃହର ପରିଚାଳନାକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପାଇଁ ସର୍ବଦଳୀୟ ବୈଠକ ଡାକିଛନ୍ତି । ଆଗାମୀ ଫେବୃଆରୀ ୧୭ ତାରିଖରେ ଏହି ସର୍ବଦଳୀୟ ବୈଠକ ବସିବ । ଉଲ୍ଲେଖନୀୟ ଯେ ବିଧାନସଭାରେ ଫେବୃୟାରୀ ୧୮ରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୯ ପର୍ଯ୍ୟନ୍ତ ଚାଲିବ । ରାଜ୍ୟପାଳଙ୍କ ଅଭିଭାଷଣରୁ ଚଳିତବର୍ଷର ବଜେଟ ଅଧବେଶନ ଆରମ୍ଭ ହୋଇ ୨୨ ତାରିଖରେ ୨୦୨୧-୨୨ ପାଇଁ ବଜେଟ ଉପସ୍ଥାପିତ ହେବ ।

## ଓଡିଶା ଓ ଆନ୍ଧ୍ର ସୀମାରେ କୋଟିଆ ଅଞ୍ଚଳ ବିବାଦ ଉପରେ କାଲି ସୁପ୍ରିମକୋର୍ଟରେ ହେବ ଶୁଣାଣି



ଭୁବନେଶ୍ୱର,୧୧।୦୨ (ନି.ପ୍ର): ଓଡିଶା ଓ ଆନ୍ଧ୍ର ସୀମାରେ ଥିବା କୋଟିଆ ଅଞ୍ଚଳରେ ଆନ୍ଧ୍ର ପକ୍ଷରୁ ବାରମ୍ବାର ସୀମା ଉଲଘଂନ କରାଯାଉଛି । ଏନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ କରିଥିବା ଆବେଦନକୁ ଗ୍ରହଣ କରିଛନ୍ତି ଉଚ୍ଚ ନ୍ୟାୟାଳୟ । ଏହା ଉପରେ ଆସନ୍ତାକାଲି ଶୁଣାଣି ହୋଇପାରେ ବୋଲି ସୁପ୍ରିମକୋର୍ଟ ଜଣାଇଛନ୍ତି । କହିରଖୁ କି ଓଡିଶା ସରକାର ଜରୁରୀ ଶୁଣାଣି ପାଇଁ କୋର୍ଟରେ ଆବେଦନ କରିଥିଲେ । ଦୀର୍ଘବର୍ଷ ହେବ କୋଟିଆ ଅଞ୍ଚଳକୁ ନେଇ ଓଡିଶା ଓ ଆନ୍ଧ୍ର ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି । ଏହାରି ମଧ୍ୟରେ ଆନ୍ଧ୍ରସରକାର ବାରମ୍ବାର କୋଟିଆ ଅଞ୍ଚଳରେ ପଶି ଲୋକଙ୍କୁ ରାସନ ସାମଗ୍ରୀ ସହ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ବି ଦେଉଛନ୍ତି । ରାସ୍ତା ଘାଟ ଠାରୁ ଆରମ୍ଭ କରି ବିଜୁଳି ପାଣି ପର୍ଯ୍ୟନ୍ତ ସବୁ ସେବାରେ ହସ୍ତକ୍ଷେପ କରୁଛି ଆନ୍ଧ୍ର । ଏନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ବି ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରିବାରେ ଲାଗିଛି । ▶▶ପୃଷ୍ଠା ୭

## ୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୧।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ଭିଡିଓ କନ୍ ଫରେନ୍ସିଂ ଯୋଗେ ହିଞ୍ଜିଳି ପୌର ପରିଷଦ ଅଞ୍ଚଳରେ ୨୮କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନେ ହେଉଛନ୍ତି ଏ ଜାତିର, ଏ ଦେଶର ଭବିଷ୍ୟତ । ଶିକ୍ଷା ହେଉଛି ପରିବର୍ତ୍ତନର ଚାବିକାଠି । ଶିକ୍ଷା ହେଉଛି ପ୍ରକୃତ ସଶକ୍ତିକରଣ । ତେଣୁ ହିଞ୍ଜିଳିରେ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱ ଦେଇଆସିଛନ୍ତି ବୋଲି ପ୍ରକାଶ କରି ହିଞ୍ଜିଳିକୁ ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଅଂଚଳ ଭାବେ ବିକଶିତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ । କୋଭିଡ ମହାମାରୀ ଯୋଗୁ ସେ ବହୁତ ଦିନ ହେଲା ହିଞ୍ଜିଳି ଯାଇପାରି ନାହାନ୍ତି । ଏବେ ପରିସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଖୁବ ଶୀଘ୍ର ହିଞ୍ଜିଳି ଗସ୍ତ କରି ଜନସାଧାରଣଙ୍କୁ ଭେଟିବେ । କୋଭିଡ ଯୁଦ୍ଧରେ ଗଞ୍ଜାମବାସୀଙ୍କ ଭୂମିକାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ "କରୋନା ମହାମାରୀ ସହ ଆପଣମାନେ ଯେପରି ଲଢିଲେ, ଗଞ୍ଜାମ ଯେପରି ଲଢିଲା, ତାହା ସାରା ବିଶ୍ୱ ଦେଖିଛି । ▶▶ପୃଷ୍ଠା ୭

## 'ନିଖୋଜ ପୋଷ୍ଟର' ଗଣ୍ଡଗୋଳରେ ଅପରାଜିତାଙ୍କ ବ୍ୟକ୍ତିଗତ ସହାୟକ ଗିରଫ



ଭୁବନେଶ୍ୱର,୧୧।୦୨ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ 'ନିଖୋଜ' ପୋଷ୍ଟର ମରାରୁ ହୋଇଥିବା ଗଣ୍ଡଗୋଳ ମାମଲାରେ ଧନେଶ୍ୱର ବାରିକ ଓ ଜ୍ୟୋତିରଂଜନ ପଣ୍ଡାଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଧନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ବୋଲି ଜଣାପଡ଼ିଛି । ବୁଧବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଅଞ୍ଚଳରେ ବିଜେଡି ସମର୍ଥକମାନେ ଭୁବନେଶ୍ୱର ସାଂସଦ ଅପରାଜିତାଙ୍କ 'ନିଖୋଜ' ପୋଷ୍ଟର ମାରୁଥିଲେ । ଏ ସମ୍ପର୍କରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଧନେଶ୍ୱର ବାରିକ ଓ ଜ୍ୟୋତିରଂଜନ ପଣ୍ଡା ଜାଣିପାରି ସେମାନଙ୍କୁ ବିରୋଧ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ବିଜେଡି ସମର୍ଥକମାନେ ଧନେଶ୍ୱର ବାରିକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ଧନେଶ୍ୱର ବାରିକ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ । ଆଜି ଲକ୍ଷ୍ମୀସାଗର ଥାନା ପୁଲିସ ଧନେଶ୍ୱର ବାରିକ ଓ ଜ୍ୟୋତିରଂଜନ ପଣ୍ଡାଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ପୋଷ୍ଟର ମାରିଥିବା ଗୋଷ୍ଠୀର କାହାକୁ ଗିରଫ କରାଯାଇଛି କି ନା, ପୁଲିସ ସ୍ପଷ୍ଟ କରିନି । 'ନିଖୋଜ' ପୋଷ୍ଟର ମରାଯିବା ପରେ ଆଜି ମୁହଁ ଖୋଲିଛନ୍ତି ▶▶ପୃଷ୍ଠା ୭

## ଘନ କୁହୁଡି ପାଇଁ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୧।୦୨ (ନି.ପ୍ର): ରାଜ୍ୟରେ ଶୀତ କମୁଛି । ମାତ୍ର କିଛି ସ୍ଥାନରେ କୁହୁଡି ପରିମାଣ ବୃଦ୍ଧି ପାଇଛି । ଆସନ୍ତା ପାଂଚ ଦିନ ପାଇଁ ଓଡିଶାରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ଗୁରୁବାର ରାତିରେ ଓ ଶୁକ୍ରବାର ସକାଳେ ଜଗତସିଂହପୁର , କଟକ, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡି ଦେଖାଦେଇପାରେ । ଘନ କୁହୁଡି ପଡ଼ି ସାଧାରଣ ଜନଜୀବନକୁ ପ୍ରଭାବିତ କରିବାର ସମ୍ଭାବନା ରହିଥିବାରୁ ଏହି ୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ଅପରପକ୍ଷରେ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳ ଓ ଏସପି ମାନେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ।

## ଚମୋଲି ସ୍ଥିତ ଋଷିଗଙ୍ଗାରେ ଅଚାନକ ବଢୁଛି ଜଳସ୍ତର

### ପ୍ରଶାସନ ତରଫରୁ ସତର୍କ ସୂଚନା ଜାରି, ଟର୍ନେଲ ଭିତରେ ପାଣି ପଶିଯିବାରୁ ଉଦ୍ଧାର କାର୍ଯ୍ୟ ଠପ



ଉତ୍ତରାଖଣ୍ଡ,୧୧।୦୨ (ନି.ପ୍ର): ଉତ୍ତରାଖଣ୍ଡ ଚାମୋଲି ସ୍ଥିତ ରାଣୀ ଗାଁରେ ଗୁରୁବାର ପୁଣି ପାଣିର ସ୍ତର ବଢିଥିବା ଦେଖିବାକୁ ମିଳିଛି । ଋଷିଗଙ୍ଗା ନଦୀର ଜଳସ୍ତର ହଠାତ୍ ବଢିଯିବା କାରଣରୁ ପ୍ରଶାସନ ତରଫରୁ ସ୍ଥାନୀୟ ଲୋକଙ୍କୁ ଉଚ୍ଚ ସ୍ଥାନକୁ ପଳାଇଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେପଟେ ଟର୍ନେଲ ଭିତରେ ଚାଲିଥିବା ଉଦ୍ଧାର କାର୍ଯ୍ୟକୁ ବନ୍ଦ କରିଦେଇଛି ପ୍ରଶାସନ । ଏହାସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଯନ୍ତ୍ରପାତିକୁ ପ୍ରଶାସନ ଉଚ୍ଚ ସ୍ଥାନକୁ ନେଇଯାଉଥିବା ଦେଖିବାକୁ ମିଳିଛି । କିଛିଦିନ ପୂର୍ବରୁ ଚମୋଲି ଠାରେ ହିମସ୍ଖଳନ ହେବା ଫଳରେ ଅଚାନକ୍ ବନ୍ୟା ଆସିଯାଇଥିଲା । ଯାହା ଫଳରେ ୩୫ ଉର୍ଦ୍ଧ ଲୋକଙ୍କର ଜୀବନ ଯିବା ସହ ୧୫୦ ରୁ ଅଧିକ ଲୋକ ଏବେ ବି ନିଖୋଜ ଥିବା ରାଜ୍ୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ନିଖୋଜ ଲୋକଙ୍କୁ ଉଦ୍ଧାର କାର୍ଯ୍ୟା ଚାଲିଥିବା ବେଳେ ପୁଣି ଆଜି ହଠାତ୍ ଜଳସ୍ତର ବଢିବା ପରେ ବିପଦ ଦେଖା ଦେଇଛି । ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ ଆଜି ଜଳସ୍ତର ବଢୁଥିବା ଦେଖିବା ପରେ ପ୍ରଶାସନ ପକ୍ଷରୁ ପାଖା ପାଖି ୨୦୦ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉତ୍ତରାଖଣ୍ଡ ଡିଜିପି ଅଶୋକ କୁମାରଙ୍କ ସୂଚନା ମୁତାବକ ତପୋବନରେ ହାଇ ଆଲର୍ଟ ଜାରି କରାଯାଇଛି । ସେଠାରୁ ଉଦ୍ଧାକାରୀଦଳ ସହ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।

## ପାଠକ ବାପାପୁଅ ଦିନିକିଆ ପୋଲିସ ରିମାଣ୍ଡରେ

ଗଞ୍ଜାମ,୧୧।୦୨ (ନି.ପ୍ର): ବରିଷ୍ଠ ଆଇଏଫଏସ ଅଧିକାରୀ ବାପା ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କୁ ଦିନିକିଆ ରିମାଣ୍ଡରେ ନେବ ଗୋଳନ୍ଥରା ପୋଲିସ୍ । ଅଭୟ ଗୋଟିଏ ଓ ଆକାଶ ଦୁଇଟି ମାମଲାରେ ରିମାଣ୍ଡରେ ଯିବେ । ଆସନ୍ତାକାଲି ଦିନକ ପାଇଁ ପୋଲିସକୁ ରିମାଣ୍ଡ ଅନୁମତି ପ୍ରଦାନ କରିଛନ୍ତି ବ୍ରହ୍ମପୁର ଏସଡିଜେଏମ୍ କୋର୍ଟ । ଏଠାରେ ଉଲ୍ଲେଖଯୋଗ୍ୟ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମାମଲାରେ ବାପାପୁଅଙ୍କୁ ଯୋଡି ଗୋଳନ୍ଥରା ପୋଲିସ ପରେ ଆଉ ତିନୋଟି ଠକେଇ ମାମଲା ରୁଜୁ କରିଥିଲା । ଏଣୁ ଏନେଇ ପଚରା ଉଚୁରା ଲାଗି ଉଭୟଙ୍କୁ ରିମାଣ୍ଡରେ ନେବାକୁ ଗୋଳନ୍ଥରା ପୋଲିସ ପକ୍ଷରୁ ବ୍ରହ୍ମପୁର ଏସଡ଼ିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା । ଏହି ଆବେଦନ ଉପରେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି ।

# ନିମାପଡାର ଭାଣପୁର ହାଇସ୍କୁଲକୁ ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ଗସ୍ତ

ଭୁବନେଶ୍ୱର,୧୧।୨ (ନି.ପ୍ର): ବିଦ୍ୟାଳୟରେ କୋଭିଡ୍-୧୯ ମାର୍ଗଦର୍ଶିକା ସଠିକ୍ ବ୍ୟବହାର କରାଯାଉଛିକି ନାହିଁ ତାହାର ଅନୁଧ୍ୟାନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ବୁଧବାର ପୂର୍ବାହ୍ଣରେ ନିମାପଡାର ଭାଣପୁର ହାଇସ୍କୁଲ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ କୋଭିଡ-୧୯ ସଂକ୍ରମଣ ଆରମ୍ଭ ହେବାର ଦୀର୍ଘ ୧୧ ମାସ ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଫେବୃଆରୀ ୮ ତାରିଖ ୨୦୨୧ରେ ନବମ ଓ ଏକାଦଶ ଶ୍ରେଣୀର ପାଠ ପଢ଼ା ଆରମ୍ଭ ହେବାନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରତ୍ୟେକ ଛାତ୍ରଛାତ୍ରୀ ମାସ୍କ ପିନ୍ଧିବା, ସାନିଟାଇଜର ବା ହାତଧୁଆ ସାବୁନ ବ୍ୟବହାର କରାଯିବା, ଶ୍ରେଣୀଗୃହକୁ ସଂକ୍ରମଣମୁକ୍ତ କରାଯିବା, ବିଦ୍ୟାଳୟର ପରିସରକୁ ଅତ୍ୟନ୍ତ ପରିଷ୍କାରପରିଚ୍ଛନ୍ନ ରଖିବା, ପରସ୍ପର ମଧ୍ୟରେ ଦୂରତା ବଜାୟ ରଖିବା ଇତ୍ୟାଦି ସମ୍ପର୍କରେ ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ପଠାଯାଇଥିଲା। ଏହି ନିୟମାବଳୀର ସଠିକ୍ ଅନୁପାଳନ ନିରୀକ୍ଷଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ବିଦ୍ୟାଳୟଗୁଡିକୁ ଅଚାନକ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ଭଞ୍ଜନଗର-ଫୁଲବାଣୀ ରାସ୍ତାରେ ବୁଲୁଛି ହାତୀ

ଗଞ୍ଜାମ,୧୧।୨ (ନି.ପ୍ର): ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ମୁଜାଗଡ଼ ଗ୍ରାମ ନିକଟରେ ଏକ ହାତୀ ଗତ ପ୍ରାୟ ସପ୍ତାହେ ହେବ ରାସ୍ତା ଉପରେ ଆସି ଚଲାବୁଲା କରୁଥିବାରୁ ଆଖପାଖ ଅଂଚଳର ଲୋକେ ଭୟଭିତ ହୋଇପଡିଛନ୍ତି । ସମୟେ ସମୟେ ହାତୀଟି ରାସ୍ତା ଉପରକୁ ଆସିଯିବା ଫଳରେ କିଛି ସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହୁଛି । ହଠାତ୍ ହାତୀକୁ ଦେଖି ରାସ୍ତାରେ ଯାଉଥିବା ଗାଡି ଚାଳକ ଇତସ୍ତତଃ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଏ ସମ୍ପର୍କରେ ଘୁମୁସର ବନ ବିଭାଗ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ହାତୀଙ୍କୁ ଜଙ୍ଗଲରୁ ଘଉଡାଇବା ପାଇଁ ବନ ବିଭାଗ ସକ୍ଷମ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ବନ ବିଭାଗ ପକ୍ଷରୁ ହାତୀଟିକୁ ଜଙ୍ଗଲକୁ ଘଉଡାଇବା ପାଇଁ ବ୍ୟବସ୍ଥା କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଅବକାରୀ ବିଭାଗ ପକ୍ଷରୁ ୬୩ ହଜାର ଗଂଜେଇ ଗଛ ନଷ୍ଟ

ବୌଦ୍ଧ,୧୧।୨ (ନି.ପ୍ର): ବୌଦ୍ଧଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଆମ୍ବଝରୀ ପଂଚାୟତ ବାଙ୍କି ଗ୍ରାମର ଆଭ୍ୟନ୍ତରୀଣ ଜଙ୍ଗଲର ୨୧ ଏକର ଜଙ୍ଗଲ ଜମି ଉପରେ ଚଢାଉ କରି ୬୩ ହଜାର ଗଂଜେଇ ଗଛ ନଷ୍ଟ କରାଯାଇଛି । ନଷ୍ଟ ଗଂଜେଇର ଆନୁମାନିକ ମୂଲ୍ୟ ୬ କୋଟି ୩୦ ଲକ୍ଷ ହେବ ବୋଲି ଆକଳନ କରାଯାଉଛି । ଚଢାଉରେ ଅବକାରୀ ଅଧିକ୍ଷକ କ୍ରୀଷ୍ଣା ନାଏକ, ଇନିସପେକ୍ଟର ବିଜୟ ଧରୁଆ, ଏସଆଇ ରମେଶ ମହାନ୍ତି, ଭଗବାନ ମହାନନ୍ଦିଆ, ରୂପେଶ ମୁଖୀ, କିଶୋର ନାଏକ ପ୍ରମୁଖ ସାମିଲ ଥିଲେ ।

# ଲୁଲୁ ମହାପାତ୍ରଙ୍କ ୫୬ତମ ଜୟନ୍ତୀରେ ରାଜ୍ୟସ୍ତରୀୟ ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର,୧୧।୨ (ନି.ପ୍ର): ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ୫୬ତମ ଜନ୍ମ ଜୟନ୍ତୀ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ଏକ ରାଜ୍ୟସ୍ତରୀୟ ମେଗା ରକ୍ତଦାନ ଶିବିର ଆୟୋଜିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ରକ୍ତଦାନ ଶିବିର ଆୟୋଜିତ ହେବ। ଏହିସବୁ ଶିବିରରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ୧୦୦୦ରୁ ଅଧିକ ସହଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ତତ୍‌ସହିତ ରାଜ୍ୟର କୋଣଅନୁକୋଣରେ ଅବସ୍ଥିତ ସମାଜର ପ୍ରତିଭା ସମ୍ପନ୍ନ ସାମ୍ବାଦିକ, ସମାଜସେବୀ ଏବଂ ଶିକ୍ଷା କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। କଟକ ଓ ଭୁବନେଶ୍ୱରରେ ଗୋସେବା ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ କଳିଙ୍ଗ ଯୁବ ସେନାକୁ ଏକ ଟାଟା ଏସି ଗାଡ଼ି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ଲୁଲୁ ମହାପାତ୍ରଙ୍କ ଅନ୍ତରଙ୍ଗ ବନ୍ଧୁ ତଥା ବିଶିଷ୍ଟ ସମାଜସେବୀ ଅମୀୟକାନ୍ତ ଦାସ ଅଧ୍ୟକ୍ଷତା କରିବେ। ଏହି ଶିବିରରେ ସମସ୍ତ ଛାତ୍ରସମାଜ ଯୋଗଦାନ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶ୍ରୀ ଅମୀୟକାନ୍ତ ଦାସ, ବିଶ୍ୱଜିତ ସାମନ୍ତରାୟ, ନିରଞ୍ଜନ ନାୟକ, ମିହିର ପରିଡ଼ା ଓ ବିକାଶ ପାତ୍ର ନିବେଦନ କରିଛନ୍ତି।

# ଧାନ କିଣା ଦୁର୍ନୀତିର ତଦନ୍ତ ଦାବି କଲା ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର,୧୧।୨ (ନି.ପ୍ର): ବର୍ଷ ବର୍ଷ ଧରି ଧାନକିଣାରେ୧୦୦୦ କୋଟିର ଦୁର୍ନୀତି ହୋଇଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ଯୋଗାଣମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଯୋଗାଣ ଅଧିକାରୀ, ଏଆରସିଏସ୍‌ଙ୍କ ଠାରୁ ସମବାୟ ସମିତି ଓ ପାକ୍ସର କର୍ମକର୍ତା ସମସ୍ତେ ମହାଲୁଟ୍‌ରେ ସାମିଲ ଅଛନ୍ତି। ବିଗତ ଦିନରେ ଧାନ କିଣାରେ ବିଭ୍ରାଟ ମଣ୍ଡି ଅବ୍ୟବସ୍ଥା ଓ ମଣ୍ଡି କଟନି ଛଟନିରେ ପାଖାପାଖି ୪୦୦କୋଟି ଟଙ୍କା ବର୍ଷକୁ ହରିଲୁଟ୍ ହେଉଛି ବୋଲି ସିଏଜି ରିପୋର୍ଟ ଆସିଲା ପରେ ବି ସରକାରଙ୍କର ଚେତା ପଶୁନାହିଁ। ଚଳିତ ବିଧାନସଭା ଅଧିବେଶନ ପୂର୍ବରୁ ଓଡ଼ିଶା ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଯଦି ମଣ୍ଡିର ନୋଡ଼ାଲ ଅଫିସର ତହସିଲଦାର, ବିଡ଼ିଓ ଓ ଜିଲ୍ଲାପାଳ ଏସବୁର ତଦନ୍ତ ନକରି ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତେବେ ସବୁ ଜିଲ୍ଲାପାଳଙ୍କୁ ରାସ୍ତାରେ ଅଟକାଯାଇ କୈଫତ ମଗାଯିବ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭାରତ, ନିମାଇଁ ରାୟ ଓ ଯୁବ ଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ଉପସ୍ଥିତ ଥିଲେ।

# ବିନିଯୋଗ ପତ୍ର ଦାଖଲ ନକଲେ ବନ୍ଦ ହେବ ଆର୍ଥିକ ଅନୁଦାନ

**ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଏବଂ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟସାରଣୀ ପ୍ରସ୍ତୁତ ପାଇଁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୧।୨ (ନି.ପ୍ର): ଜିଲ୍ଲାଗୁଡ଼ିକ ବିନିଯୋଗ ପତ୍ର ଦାଖଲ ନକଲେ ଆଗକୁ ଜିଲ୍ଲାଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଠାରୁ ପାଉଥିବା ଆର୍ଥିକ ଅନୁଦାନ ପାଇବାକୁ ବଂଚିତ ହେବେ । ଏ ବିଷୟରେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି । ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହ ବାର୍ତାଳାପ କରି ୨୦୧୬-୧୭ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ବିନିଯୋଗ ହୋଇଥିବା ଅର୍ଥର ପ୍ରମାଣପତ୍ର ଦାଖଲ ନହୋଇଥିବା ପରିତାପର ବିଷୟ ବୋଲି କହିଥିଲେ । ଅନ୍ୟପକ୍ଷରେନେତାଜୀ ସୁଭାଷ ବୋଷଙ୍କ ୧୨୫ତମ ଜୟନ୍ତୀକୁ ଚଳିତ ବର୍ଷ ବର୍ଷବ୍ୟାପୀ ପାଳନ ଓ ଗାନ୍ଧୀଜୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲାସ୍ତରରେ ଆୟୋଜନ ସକାଶେ କାର୍ଯ୍ୟସାରଣୀ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ କୁହାଯାଇଛି । ଜିଲ୍ଲାରେ କଳାକାର ମହାସଂଘଗୁଡ଼ିକର ସଦସ୍ୟମାନଙ୍କ ନାମ ପଞ୍ଜିକରଣ କରି ତାଙ୍କର ଡାଟାବେସ୍ ପ୍ରସ୍ତୁତ କରିବାକୁ ବିଭାଗ ତରଫରୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ବହୁ ଜିଲ୍ଲାରେ ଏ ଦିଗରେ ପଦକ୍ଷେପ ନିଆଯାଇ ନାହିଁ । କେତେକ ଜିଲ୍ଲାରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଥିବା ସତ୍ତ୍ୱେ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେଥିପାଇଁ ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଥିଲ । ଆଗକୁ ଆଦର୍ଶ ଗ୍ରାମ ଚୟନ କରି ସେସବୁ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରାଯିବ। ଆବର୍ତନ ପାଣ୍ଠି ପାଇଥିବା ଜିଲ୍ଲାଗୁଡ଼ିକ ସେହି ପାଣ୍ଠିର ସୁଧ ଅର୍ଥରେ ବିଭିନ୍ନ କାର୍ଯ୍ୟ କରିବାକୁ କୁହାଯାଇଛି । ତା'ଛଡ଼ା ଜିଲ୍ଲାଗୁଡ଼ିକରେ ହୋଇଥିବା 'ଲୋକକଳା ଗ୍ରାମ' କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି। ସେସବୁ ଗ୍ରାମରେ ବିକାଶକୁ ତ୍ୱରାନ୍ୱିତ କରାଯିବ, କଳାକାରମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ତାକୁ ପ୍ରକୃତରେ ଏକ ଲୋକକଳା ଗ୍ରାମ ଭାବେ ଗଢ଼ିତୋଳିବାକୁ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟରେ ଥିବା ୭୨୦୦ଟି ଭାଗବତ ଟୁଙ୍ଗୀଗୁଡ଼ିକ ବ୍ୟାସାସନ ଓ ମାଇକ ଯୋଗାଣ କରିବାକୁ ନିଷ୍ପତି ନିଆଯାଇଥିଲା । କେତେ ଜିଲ୍ଲା ଏହାକୁ କାର୍ଯ୍ୟକାରୀ କରିଥିବାବେଳେ କେତେକ ଜିଲ୍ଲାରେ ଏହା ହୋଇନାହିଁ । ଏଥି ସହିତ ଏସବୁ ଟୁଙ୍ଗୀଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକରୁଛି କି ନାହିଁ ତାକୁ ତଦାରଖ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଜିଲ୍ଲାପାଳମାନଙ୍କୁ କହିଥିଲେ । ତା'ଛଡ଼ା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ବରିଷ୍ଠ କଳାକାରମାନଙ୍କୁ ଦିଆଯାଇଥିବା ମାସିକ ୧୨୦୦ ଟଙ୍କା ଭତା ପ୍ରଦାନ କ୍ଷେତ୍ରରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ନିମନ୍ତେ ଆଉ ପ୍ରାୟ ୧୫ ହଜାର ବାକି ରହିଥିବା ସେ ଦର୍ଶାଇଥିଲେ। ତେଣୁ ଅନ୍ୟ ଭତା ଭଳି ଏହାକୁ ବି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ରାଜ୍ୟର ୧୨ଟି ଜିଲ୍ଲାରେ ଜିଲ୍ଲା ସଂଗ୍ରହାଳୟ ରହିଥିବା ଦର୍ଶାଇ ଏଗୁଡ଼ିକର ରକ୍ଷଣାବେକ୍ଷଣକୁ ଜିଲ୍ଲାସ୍ତରରେ ଉଦ୍ୟମ କରିବାକୁ ସଚିବ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନରେ ରହିଥିବା ଅନନ୍ୟ କଳାଶୈଳୀକୁ ଉଭୟ ବୈଦ୍ୟୁତିକ ଓ ମୁଦ୍ରିତ ଭାବେ ତଥ୍ୟ ସଂଗ୍ରହଣ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଆଗଭର ହେବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଦୀର୍ଘଦିନ ଧରି ଜିଲ୍ଲା ସଂସ୍କୃତି ପରିଷଦଗୁଡ଼ିକ ପୁନର୍ବିନ୍ୟାସ କରାଯାଇନାହିଁ। ତେଣୁ ସେଗୁଡ଼ିକୁ ପୁନର୍ଗଠନ କରି ବିଭାଗକୁ ଜଣାଇବାକୁ କୁହାଯାଇଛି। ଆସନ୍ତାକାଲି ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ନେଇ ବିଭାଗ ଏକ ବୈଠକ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଯେଉଁସବୁ କାର୍ଯ୍ୟ ବାକିଆ ରହିଛି କିମ୍ବା ଯେଉଁ ରିପୋର୍ଟ, ତଥ୍ୟ ଇତ୍ୟାଦି ବିଭାଗରେ ଦାଖଲ କରିବାର ଅଛି ସେଗୁଡ଼ିକୁ ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି । ବୈଠକରେ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ, ଉପନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଦେବାନନ୍ଦ ବରିହା, ରାଜ୍ୟ ସଂସ୍କୃତି ପ୍ରକଳ୍ପ ସଂଯୋଜକ ଶ୍ରୀ ବାସୁଦେବ ମାଳବିଶୋୟୀ, ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ ଡ. ଭାଗ୍ୟଲିପି ମଲ୍ଲ, ପ୍ରମୁଖ ଯୋଗଦେଇଥିଲେ ।

# ଏକାମ୍ର କ୍ଷେତ୍ରରୁ ଏନ୍.ଏମ୍.ଏ ଚିଠା ଅଧିନିୟମ ପ୍ରତ୍ୟାହାର ନହେଲେ ଆନ୍ଦୋଳନ ହେବ: ସୁର ରାଉତରାୟ



ଭୁବନେଶ୍ୱର,୧୧।୨ (ନି.ପ୍ର): ଜାତୀୟ ଐତିହ ପ୍ରାଧିକରଣ ଚିଠା ଅଧିନିୟମ ଏକ୍ରାମ କ୍ଷେତ୍ରରୁ ନହଟାଇବା ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ କହିଛନ୍ତି। ଏହା ଏକାମ୍ର କ୍ଷେତ୍ରକୁ ଏକ ଶକ୍ତ ଧକ୍କା। ଯଦି ଏନ୍.ଏମ୍.ଏ ଶୀଘ୍ର ନିଷ୍ପତି ପ୍ରତ୍ୟାହାର ନକରନ୍ତି ତେବେ ଜନ ଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଓ ସାଂସଦଙ୍କୁ ଭୁବନେଶ୍ୱର ମାଟିରେ ଓହ୍ଲାଇ ପାରିବେନି। ଏକାମ୍ର କ୍ଷେତ୍ରର ବିକାଶକୁ ରୋକ ଲଗାଇବାକୁ କେନ୍ଦ୍ର ସରକାରଙ୍କ ଚକ୍ରାନ୍ତକୁ ସଫଳ କରେଇ ଦିଆଯିବ ନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଶ୍ରୀ ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର ପ୍ରଭୃତିରେ ଏହି କଟକଣା ଯୁକ୍ତ ବାଇ-ଲ ବଳବତର ରହିବା ଦ୍ୱାରା ଏଠିକାର ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ମେଗା ଏକାମ୍ର ଯୋଜନାରେ ହୋଇଥିବା କାର୍ଯ୍ୟ ଓ ଭବିଷ୍ୟତରେ କାର୍ଯ୍ୟ କଟକଣା ଭିତରେ ଫସିଯିବ। ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଏହି ବାଇ-ଲ ପ୍ରତିବନ୍ଧକ ସୃଷ୍ଟିକରିବ। ନୂଆ ରାସ୍ତା ନିର୍ମାଣ, ଭଜନ ମଣ୍ଡପ, ମନ୍ଦିର ସମ୍ମୁଖ ପ୍ଲାଜା ପ୍ରଭୃତି ଅନେକ ପ୍ରକଳ୍ପର ଭବିଷ୍ୟତ ଅନ୍ଧାରରେ ରହିଯିବ ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତି। ଏକାମ୍ର କ୍ଷେତ୍ରର ବିକାଶ ମୂଳକ କାର୍ଯ୍ୟକୁ ଏ.ଏନ୍.ଏମ୍ କଟକଣା ମାଧ୍ୟମରେ ବନ୍ଦ କରିବାକୁ ଚକ୍ରାନ୍ତ ଚାଲିଛି ସେ ଅଭିଯୋଗ କରିଛନ୍ତି।

## ହୋଟେଲ ମାଲିକଙ୍କୁ ଲୁହା ରଡ଼ରେ ପିଟି ପିଟି ହତ୍ୟା

ରାଉରକେଲା,୧୧।୨ (ନି.ପ୍ର): ଶାନ୍ତ ସହର ରାଉରକେଲା ଏବେ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି । ପୋଲିସ ପାଟ୍ରୋଲିଂ ଏକ ପ୍ରକାର ବନ୍ଦ ହୋଇସାରିଛି । ତେଣୁ ରାତି ୧୦ଟା ୧୧ଟାରେ ଅପରାଧୀ ବିଚ୍ ରାସ୍ତାରେ ଓ ଘରେ ପଶି ଲୋକଙ୍କୁ ହତ୍ୟା କରୁଛନ୍ତି । ବିଗତ ଡିସେମ୍ବରରୁ ଜାନୁଆରୀ ମାସ ଭିତରେ ଏହିଭଳି ଅନେକ ହତ୍ୟାକାଣ୍ଡ ଘଟି ସାରିଲାଣି । କେହି ଧରା ପଡୁ ନାହାନ୍ତି । ଏଭଳି ସ୍ଥିତିରେ ପୁଣି ଆଉ ଏକ ହତ୍ୟାକାଣ୍ଡ ଘଟିଛି ଗତକାଲି ରାତି ୧୧ଟା ବେଳେ । ରାଉରକେଲା ପ୍ଲାଂଟ ସାଇଡ୍ ଥାନା ଡିଏଭି ଲେନରେ ରହୁଥିବା ହୋଟେଲ ମାଲିକ ସଜନ ମିତଲ ଗତକାଲି ରାତିରେ ନିଜ ହୋଟେଲରୁ ନିଜ ଘରକୁ ରାତି ପ୍ରାୟ ୧୧ଟା ବେଳେ ଯାଉଥିବା ବେଳେ ହଠାତ୍ ୨ ଜଣ ଯୁବକ ମୋଟର ସାଇକେଲରେ ଆସି ତାଙ୍କୁ ଲୁହା ରଡରେ ପିଟି ପିଟି ଦରମରା କରିଦେଇଥିଲେ। ତାଙ୍କୁ ଆଇଜିଏଚ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଖବର ସେହି ଅଂଚଳର ବ୍ୟବସାୟୀ ମାନଙ୍କୁ ଆତଙ୍କିତ କରିବା ସହ ଭୟଭିତ କରିଛି। ଫଳରେ କ୍ରମଶଃ ପୁଲିସ ଉପରେ ଲୋକଙ୍କ ଭରସା ତୁଟିବାକୁ ବସିଲାଣି । ଏହି ଘଟଣା ପଛରେ ଏକ ଯାଗା ଜମି କିଣା ବିକା ଓ ସେ ଯାଗାକୁ ଖାଲି କରାନଜିବା ଭଳି ମାମଲା ରହିଥିବା ବେଳେ ଜଣେ ବିଲ୍ଡର ମଧ୍ୟ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ସାଧାରଣରେ ଆଲୋଚନା ଚାଲିଛି । ରାଉରକେଲା ସହରରେ ଏହି ଭଳି ଅନେକ ହତ୍ୟା କାଣ୍ଡ ଘଟି ଚାଲିଛି । ଟାଙ୍ଗରପାଲ୍ଲୀ ଅଂଚଳରେ ବିନୋଦ କୈବର୍ତ ହତ୍ୟାକାଣ୍ଡ, ବନ୍ଧମୁଣ୍ଡା ଅଂଚଳରେ ଜିତେନ୍ଦ୍ର ନାମକ ବ୍ୟକ୍ତିର ହତ୍ୟା, ସୁନା ବେପାରୀ ନିର୍ମଳା ସୋନୀ ଓ ଏସଟିଆଇ ପୋଲ ଉପରେ ଜଣେ ସୁନା ଦୋକାନୀଙ୍କ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା ପରେ ପୁଣି ଗତକାଲି ଜଣେ ହୋଟେଲ ମାଲିକଙ୍କୁ ହତ୍ୟା କରାଜିବା ଘଟଣା ରାଉରକେଲା ପୁଲିସ ଓ ୫-ଟିରେ ପୁଲିସିର ଭୂମିକାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ । ସବୁଠୁ ବଡ କଥା ହେଲା, ଏହି ସବୁ ହତ୍ୟା ମାମଲାରେ ଏଯାଏ କାହାରିକୁ ଗିରଫ ମଧ୍ୟ କରାଯାଇନାହିଁ । ସହରରେ ବିଲ୍ଡର, ବେପାରୀ ମାନେ ପେସାଦାର ହତ୍ୟାକାରୀ ମାନଙ୍କୁ ବ୍ୟବହାର କରି ଏହିଭଳି ନୀରିହ ଜୀବନ ନେଇଚାଲିଛନ୍ତି । କିନ୍ତୁ, ପୁଲିସ ବ୍ୟବସ୍ଥା ପୁରା ଚୁପ୍ । ସହରରେ ଥାନା ଗୁଡିକ ସହ ବିଭିନ୍ନ ଅଂଚଳ ଦାୟିତ୍ୱରେ ବହୁ ପାରିବା ପଣିଆ ଥିବା ଅଫିସରଙ୍କୁ ରଖାଯାଇଛି । ସେଥିରେ ବହୁ ପୁରସ୍କାର ପ୍ରାପ୍ତ ବାବୁ ମାନେ ମଧ୍ୟ ସ୍ଥାନ ପାଇଛନ୍ତି । ହେଲେ ଅପରାଧ ରୋକିବା ଓ ଅପରାଧୀ ମାନଙ୍କୁ ଧରିବା କ୍ଷେତ୍ରରେ ଏମାନେ ଫେଲ୍ ମାରୁଛନ୍ତି କାହିଁକି ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଅନ୍ୟପକ୍ଷରେ ହତ୍ୟାକାଣ୍ଡ ପାଇଁ ପୋଲିସର ଢ଼ିଲା ପାଟ୍ରୋଲିଂ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ଲୋକେ । ରାଜ୍ୟ ଗୃହ ବିଭାଗ ମୁଖ୍ୟ ଏ ଦିଗରେ ପଦକ୍ଷେପ ନେବା ଲାଗି ଦାବି ହେଉଛି ।

## ପିକଅପ ଭ୍ୟାନ ଧକ୍କାରେ ୨ ଗୁରୁତର ଆହତ

ବୌଦ୍ଧ,୧୧।୨ (ନି.ପ୍ର): ବୌଦ୍ଧଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥ ମୃଷୁଣ୍ଡି ଛକ ନିକଟରେ ଆଜି ଏକ ପିକପ ଭ୍ୟାନ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାଇ, ମୃଷୁଣ୍ଡି ଗ୍ରାମର ସରୋଜ ରାଉତ(୩୬) ଓ ବିକ୍ରମ ପାଣ୍ଡେ(୧୭) ସରୋଣ୍ଡା ଗ୍ରାମରୁ କାମସାରି ଜାତୀୟ ରାଜପଥ କଡରେ ଥିବା ଏକ ନଳକୂଅରେ ଗାଧୋଇ ଠିଆ ହୋଇଥିବା ସମୟରେ ସୋନପୁର ପଟୁ ଆସୁଥିବା ଏକ ପିକପ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ଆହତ ଅବସ୍ଥାରେ ସେମାନଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ ସେମାନଙ୍କୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଛି । ସେପଟେ ପୋଲିସ ଏହି ଘଟଣାରେ ଏକ ଗାଡିକୁ ଅଟକ ରଖି ପଚରା ଉଚରା ଚଳାଇଛି ।

# ଅପହଂଚ ଅଂଚଳରେ ଅପପୁଷ୍ଟି ବିରୋଧରେ ଏକ ବଳିଷ୍ଠ ଅଭିଯାନ-'ସୋପାନ'

ଭୁବନେଶ୍ୱର,୧୧।୨ (ନି.ପ୍ର): ୫'ଟି' ଆଧାରରେ ରାଜ୍ୟର କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପୁଷ୍ଟିହୀନତା ଓ ରକ୍ତହୀନତା ଦୂର କରିବା ସହ ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ନିମନ୍ତେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା 'ସୋପାନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଯୋଜନା ରାଜ୍ୟର ୨୨ଟି ଜିଲ୍ଲାର ୧୨୫ଟି ଦୁର୍ଗମ ଅପହଂଚ ବ୍ଲକ୍ ର ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ଦିଗରେ ଯଥେଷ୍ଟ ଫଳପ୍ରଦ ହେବ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କା ବିନିଯୋଗ କରିବାର ପ୍ରସ୍ତାବ ରହିଛି । ସୋପାନ କାର୍ଯ୍ୟକ୍ରମରେ ଏହି ଅଂଚଳରେ ୧୪ରୁ ୧୯ ବର୍ଷର କିଶୋରୀ ବାଳିକା ଯେଉଁମାନେ ଏ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ଓ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନା ଓ ରକ୍ତହୀନତା ନିମନ୍ତେ ପରୀକ୍ଷା ଓ ଚିକିତ୍ସା ପାଇନାହାନ୍ତି ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ । ଗର୍ଭବତୀ ମହିଳାମାନଙ୍କୁ ଟେକ୍ ହୋମ୍ ରାସନ ବ୍ୟତୀତ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଆଉଥରେ ରନ୍ଧାଖାଦ୍ୟ ପରିବେଷଣ, ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଗୋଷ୍ଠୀ ଦ୍ୱାରା ପରିଚାଳିତ କ୍ରେଚ୍ ରେ ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଅଗ୍ରାଧିକାର ଭିତିରେ କରାଯିବ ତଥା ଅତିଶୟ ପୁଷ୍ଟିହୀନ 'ସାମ୍' ଶିଶୁମାନଙ୍କ ନିମନ୍ତେ ପରିମାର୍ଜିତ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବ। ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ନିୟମିତ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ବର୍ଷକୁ ଦୁଇଥର ୦-୬ ବର୍ଷର ପିଲାମାନଙ୍କ ଓଜନ ପରୀକ୍ଷା କରାଯିବ। ୫ 'ଟି' କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିହୀନତା ଦୂର ପାଇଁ ବିଭିନ୍ନ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ ପରେ ଏହି ରଣନୀତି ପ୍ରସ୍ତୁତ କରାଯାଇଛି । ଖାଦ୍ୟସାରଣୀକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଘରକୁ ନେଉଥିବା ଶୁଖିଲା ରାସନରେ ୩ଗୋଟି ଏବଂ ଗରମ ରନ୍ଧାଖାଦ୍ୟରେ ୫ଗୋଟି ଅଣ୍ଡା ପ୍ରତି ସପ୍ତାହରେ ପ୍ରଦାନ କରାଯାଉଛି ।ମମତା ଯୋଜନାରେ ଗର୍ଭାବସ୍ଥାରେ ପୁଷ୍ଟି ପାଇଁ ଓ ମଜୁରୀ କ୍ଷତିର ଭରଣା ପାଇଁ ୪୨ ଲକ୍ଷରୁ ଅଧିକ ଗର୍ଭବତୀ ଏବଂ ପ୍ରସୂତୀ ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ପରିପୂରକ ପୁଷ୍ଟିସାଧନ ପାଇଁ ଦିଆଯାଉଥିବା ଛତୁଆ ମାତୃକମିଟି ଓ ଯାଂଚ କମିଟିର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠି, ଓମ୍ବାଡ୍ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ପୁଷ୍ଟିହୀନତାର ଧାରାକୁ ରୋକିବା ପାଇଁ ପ୍ରୟାସ କରାଯାଉଛି । ୧୨୫ ଗୋଟି ପୁଷ୍ଟି କ୍ଷେତ୍ରରେ ଅନଗ୍ରସର ପ୍ରକଳ୍ପରେ କିଶୋରୀ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍, ଗର୍ଭବତୀ ପ୍ରସୂତି ମହିଳାଙ୍କ ପାଇଁ ଅତିରିକ୍ତ ଗରମ ରନ୍ଧାଖାଦ୍ୟ ଓ ୩ରୁ କମ୍ ବୟସର ଶିଶୁମାନଙ୍କ ପାଇଁ କ୍ରେଚ୍, ଶୁଖିଲା ରାସନ ଓ ଗରମ ରନ୍ଧାଖାଦ୍ୟରେ ପୌଷ୍ଟିକ ତତ୍ତ୍ୱ ମିଶ୍ରଣ, ଓଜନ ଉତ୍ସବ ପାଳନ, ବାର୍ଷିକ ପୁଷ୍ଟି ସ୍ଥିତରି ସର୍ଭେ ଓ ୬ ବ ର୍ଷରୁ କମ୍ ବୟସର ଶିଶୁ, କିଶୋରୀ ବାଳିକା, ଗର୍ଭବତୀ, ପ୍ରସୂତି ମହିଳାଙ୍କ ପୁଷ୍ଟି ସାଧନକୁ ସୁନିର୍ଶ୍ଚିତ କରିବା ନିମନ୍ତେ 'ସୋପାନ' କାର୍ଯ୍ୟକ୍ରମ ଏକ ନୂତନ ମାଇଲଖୁଂଟ ସ୍ଥାପନ କରିବ ବୋଲି ଆଶା କରାଯାଏ । ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି ।

# ଆସାମର ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର

ନୂଆଦିଲ୍ଲୀ,୧୧।୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଗଠିତ କ୍ୟାବିନେଟ କମିଟିର ଅର୍ଥନୀତିକ ବ୍ୟାପାର ବିଭାଗ ସାର ବିଭାଗକୁ ୧୦୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି । ଏହି ଅର୍ଥ ଆସାମର ନାମରୂପରେ ଥିବା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର୍ସ କର୍ପୋରେସନ ଲିମିଟେଡକୁ ୟୁରିଆ ସାର ଉତ୍ପାଦନ ପାଇଁ ଦିଆଯିବ । ଭାରତ ସରକାରଙ୍କ ସାର ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର କର୍ପୋରେସନ ଲିମିଟେଡ ଏକ ପବ୍ଲିକ ଅଣ୍ଡରଟେକିଂ ସଂସ୍ଥା । ଆସାମର ନାମରୂପ ଠାରେ ଥିବା ଏହି କର୍ପୋରେସନର ପରିସର ମଧ୍ୟରେ ନାମରୂପ-୨, ନାମରୂପ -୩ ଭାବରେ ଦୁଇଟି ପୁରୁଣା ପ୍ଲାଂଟ ଚାଲିଛି । ଏହା ଦେଶର ପ୍ରଥମ ଗ୍ୟାସଭିତିକ ୟୁରିଆ ଉତ୍ପାଦନ କରୁଥିବା କାରଖାନା । ସାର ଉତ୍ପାଦନ କ୍ଷେତ୍ରରେ ଏହାର ସମସ୍ତ ପ୍ରକାରର ଉପକରଣ ଏବଂ ଭିତିଭୂମି ମଧ୍ୟ ରହିଛି । କିନ୍ତୁ ବର୍ତମାନର ପ୍ଲାଂଟଗୁଡିକରୁ କମ୍ ଖର୍ଚ୍ଚରେ ଉତ୍ପାଦନ କରିବା କଷ୍ଟକର ହୋଇପଡୁଛି । କାରଣ ଏ କ୍ଷେତ୍ରରେ ଥିବା ବୈଷୟିକ କୌଶଳ ପୁରୁଣା ଏବଂ ଘସରା ହୋଇଗଲାଣି । ପ୍ଲାଂଟରୁ କମ୍ ଖର୍ଚ୍ଚରେ ନିରାପଦ ଏବଂ ଦୀର୍ଘକାଳୀନ ଭିତିରେ ଉତ୍ପାଦନ ପାଇଁ କେତେକ ଯନ୍ତ୍ରାଂଶରେ ମରାମତି ଏବଂ କେତେକକୁ ବଦଳାଇବା ଆବଶ୍ୟକ ପଡୁଛି । କେତେକ ଯନ୍ତ୍ରାଂଶ ଓ ବୈଦ୍ୟୁତିକ ଉପକରଣର ମରାମତି ଜରୁରୀ ହୋଇପଡିଛି । ଏହା ବିନା କାରଖାନାକୁ ସୁରୁଖୁରୁରେ ଚଳାଇବା କଷ୍ଟକର ହୋଇପଡିଛି । ଏଥିପାଇଁ ଆବଶ୍ୟକ ପଡୁଥିବା ୧୦୦ କୋଟି ଟଙ୍କା ଅନୁଦାନ ଭାବରେ ସରକାର ଯୋଗାଇ ଦେଇଛନ୍ତି। ଦେଶର ଉତରପୂର୍ବାଂଚଳରେ ଥିବା ଏହି କାରଖାନା ଏହି ଅଂଚଳର ଆର୍ଥିକ ସମୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆଧୁନିକୀକରଣ ପରେ ଏଠାରୁ ଉତ୍ପାଦିତ ୟୁରିଆ ବିଶେଷଭାବେ ଆସାମର ଚାହା ଏବଂ କୃଷି କ୍ଷେତ୍ରକୁ ସମୃଦ୍ଧ କରିବ । ଏହି ଅନୁଦାନର ବିନିଯୋଗରେ କାରଖାନାର ଉନ୍ନତିକରଣ ପରେ ଏଠାରୁ ବାର୍ଷିକ ୩.୯୦ଲକ୍ଷ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ ହେବ । ଏହି କାରଖାନାରେ ବର୍ତମାନ ପ୍ରାୟ ୫୮୦ ସ୍ଥାୟୀ କର୍ମଚାରୀ ଏବଂ ଦେଡହଜାର ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ଏଥିସହିତ ପ୍ରାୟ ୨୮ହଜାର ଲୋକ ପରୋକ୍ଷଭାବରେ ଏହି କାରଖାନାର ଲାଭ ପାଉଛନ୍ତି । 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଏହି କ୍ଷେତ୍ର ସୁଦୃଢ଼ କରୁଛି ।

# ବରିଷ୍ଠ ନାଗରିକ ମଂଚର ବୈଠକ

କୋରେଇ,୧୧।୨ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ମାସିକ ବୈଠକ କରଦା ହରିହାଟ ରୁଦ୍ରନାରାୟଣ ମନ୍ଦିର ପରିସରରେ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ ନାଗରିକ ମଂଚର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରୀ ଜମି ଯୋଗାଣରେ ବିଳମ୍ବ ହେଉଥିବାରୁ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଏନେଇ ତହସିଲଦାରଙ୍କ ସହିତ ସାକ୍ଷାତ କରି ଏହାକୁ ତ୍ୱରାନ୍ୱିତ କରିବା ସହ ଯୁଗ୍ମ ସମ୍ପାଦକ ଗୋକୁଳାନନ୍ଦ ମହାରଣା ଏଥିରେ ସହଯୋଗ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ଆଗାମୀ ମାର୍ଚ୍ଚ ୮ ତାରିଖ ଅର୍ନ୍ତଜାତୀୟ ମହିଳା ଦିବସ ଅବସରରେ ମହିଳା ମାନଙ୍କ ଅଧିକାର, ଦାୟିତ୍ୱ ଓ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇ ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରତିଷ୍ଠିତ ମହିଳା ମାନଙ୍କୁ ଅତିଥି କରାଯିବାକୁ ସ୍ଥିର କରାଗଲା । କରଦା ହରିହାଟ କମିଟି ପକ୍ଷରୁ ମଂଚର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଚିନ୍ତାମଣି ବେହେରାଙ୍କୁ ପୁଷ୍ପଗୁଛ ଓ ଉତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଦସ୍ୟ ସନାତନ ବିଶ୍ୱାଳଙ୍କ ଦ୍ୱାରା ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଚନ୍ଦ୍ରମଣୀ ସ୍ୱାଇଁ, ଉମାକାନ୍ତ ଖଣ୍ଡାଇ, ବୈଷ୍ଣବ ସାହୁ, ରତ୍ନାକର ପଲେଇ, ପ୍ରହଲ୍ଲାଦ ଜେନା, ଉତ୍ସବ ମହାରଣା, ରାମଚନ୍ଦ୍ର ମଲିକ, ନରେନ୍ଦ୍ର ଘଡାଇ, ରାମଚନ୍ଦ୍ର ବେହେରା, ସୁଧାକର ଧଳ, ନିରଞ୍ଜନ ସ୍ୱାଇଁ, ଜଗନ୍ନାଥ ମାଝୀ, ଗୋପାଳ ମଲିକ, ସୁରେନ୍ଦ୍ର ସେଠୀ, ରାମକୃଷ୍ଣ ମଲିକ, ପ୍ରାଣକୃଷ୍ଣ ନାୟକ, ପ୍ରେମାନନ୍ଦ ପାଲ, ଶତ୍ରୁଘ୍ନ ନାୟକ, ବିମ୍ବାଧର ବେହେରା, ପୁରୁଷୋତମ ବାରିକ, ତ୍ରୈଲୋକ୍ୟ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।











## ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଂଜାବର କପୁରଥଲା ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ସହର। ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି। ତା' ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା। ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ। ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା।

**ସୈନିକ ସ୍କୁଲ:** ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା। ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ। ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଂଚଳ ଉପରେ ଗଢ଼ି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ। ଖାସକରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ। ବ ର୍ତ୍ତମାନ ଏହା ସୈନିକ ସ୍କୁଲ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣୀୟ ଏବେ ବି ସେମିତି ଅକ୍ଷୁର୍ଣ୍ଣ ହୋଇ ରହିଛି।

### କେବେ ଓ କେମିତି ଯିବେ

କପୁଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ। ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ। ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି।

### କଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିଦ୍ କ୍ଲବ, ପଂଚ ମନ୍ଦିର, ଗୁରୁଦ୍ୱାର ବେର ସାହିବ ଇତ୍ୟାଦି...

### ମୁରିଶ ମସଜିଦ୍:

ଏହି ମସଜିଦକୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ। ଏହାକୁ ତିଆରି କରିବାପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା। ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସଜିଦକୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଂଚ ବାସ୍ତୁକାର ନେଇଥିଲେ।

### ଜଗତ୍‌ଜିତ୍ କ୍ଲବ:

ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଂଚଳରେ ଗଢ଼ି ଉଠିଥିବା ଏକ ଆକର୍ଷଣୀୟ ଭବନ। ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି। ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା। ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ ଭାବେ ଜଣାଯାଉଛି।

### ପଂଚ ମନ୍ଦିର:

ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଂଚଟି ମନ୍ଦିର ଦେଖିବାକୁ ମିଳେ। ଖାସ୍ କଥା ହେଲା ଏହି ପାଂଚଟି ମନ୍ଦିରର ନିର୍ମାଣ ଏପରି ହୋଇଛି, ଯଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଚଂଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ।



### ଗୁରୁଦ୍ୱାର ବେର୍ ସାହିବ:

କପୁରଥଲା ଜିଲ୍ଲା ଅର୍ନ୍ତଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାର ବେର୍ ସାହିବ। ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। କୁହାଯାଏ ଏଠାରେ କୁଆଡ଼େ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ। ସେହିପରି ବେର୍ ହେଉଛି ଏଠାକାର ଏକ ଗଛ ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବାପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ।

## ଅଫିସରେ ବସୁଥିଲେ.....



ଯଦି ଆପଣ ଅଫିସ ଡେକ୍ସରେ ବସୁଛନ୍ତି ତେବେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଦୀର୍ଘ ସମୟ ବସିରହିବା କାମ କରୁଛନ୍ତି ତେବେ ଏପରି ଖାଦ୍ୟ ପଦାର୍ଥକୁ ନିଜଠାରୁ ଦୂରେଇ ରଖନ୍ତୁ ଯାହା ଆପଣଙ୍କ କାର୍ଯ୍ୟକୁ ପ୍ରଭାବିତ କରିବା ସହ ଶରୀର ଉପରେ କୁ-ପ୍ରଭାବ ପକାଇଥାଏ । କାମ କରିବା ସମୟରେ ବାରମ୍ବାର କଫି ପିଇବାକୁ ଇଚ୍ଛା ହୁଏ । କଫି ପିଇବା ଦ୍ୱାରା କାର୍ଯ୍ୟରେ ଷ୍ଟ୍ରେସ୍ କମ ହୋଇ ଆପଣଙ୍କୁ ସତେଜ ଲାଗିଥାଏ । ହେଲେ ଅଧିକ ମାତ୍ରାରେ କଫି ପିଇବା ଦ୍ୱାରା ଏହା ଗ୍ୟାସ ସମସ୍ୟାକୁ ବଢ଼ାଇଥାଏ । ତେଣୁ କଫି ପିଇବା ପରିବର୍ତ୍ତେ ଗ୍ରୀନଟି ପିଅନ୍ତୁ । ପାଚନତନ୍ତ୍ର ନିମନ୍ତେ ଗ୍ରୀନ ଟି ଉତ୍ତମ ସାବ୍ୟସ୍ତ ହେବା ସହ ପଟେ ବି ଖରାପ କରାଏ ନାହିଁ ।

### ତୈଳଯୁକ୍ତ ଖାଦ୍ୟ

ଅଫିସରେ ଅଧିକ ତୈଳଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ । କାରଣ ତୈଳଯୁକ୍ତ ଖାଦ୍ୟ ଖଶଇବା ଦ୍ୱାରା ପେଟ ଭାରି ଲାଗିବା ସହ ନିଦ ଆସିଥାଏ । ଛଣାଛଣି ଖାଇବା ଦ୍ୱାରା ଅସୁସ୍ଥତା ଅନୁଭବ ହୁଏ ଯାହାର ପ୍ରଭାବ ପରଫମାନ୍ସ ଉପରେ ପଡ଼େ । ଏହାବ୍ୟତୀତ ଅଫିସରେ ଜଙ୍କଫୁଡ୍‌ସଠାରୁ ନିଜକୁ ଦୂରେଇ ରଖନ୍ତୁ ।

### ସ୍ନାକ୍ସ ଏବଂ ଚିପ୍ସ

କାମ କରିବା ସମୟରେ ମଝିରେ ମଝିରେ ଚିପ୍ସ ଖାନ୍ତୁ ନାହିଁ । ପ୍ୟାକେଟ୍ ବନ୍ଦ ଚିପ୍ସ ଏବଂ ସ୍ନାକ୍ସକୁ ବର୍ଜନ କରନ୍ତୁ । ଚିପ୍ସ ଅଧିକ ଖାଇବା ଦ୍ୱାରା କାର୍ଯ୍ୟ ସମୟରେ ଅଧିକ ଶୋଷ ଲାଗିବା ସହ ଡିହାଇଡ୍ରେଶନ ସ୍ତର ବଢ଼ିଯାଏ । ପ୍ୟାକେଟ ବନ୍ଦ ଚିପ୍ସ ବଦଳରେ କାଜୁ, ବାଦାମ, ବୁଟ ବି ଖାଇପାରିବେ ।

### ଆମିଷ ଖାଦ୍ୟ

ଅଫିସରେ ଅଧିକ ମାତ୍ରାରେ ଆମିଷ ଖାଦ୍ୟ ଖାଉଥିଲେ ଏହାର ମାତ୍ରାକୁ କମ କରିଦିଅନ୍ତୁ । ଆମିଷ ଖାଇବା ପରେ ଅଫିସରେ ଆପଣଙ୍କୁ ଅଳଶୁଆ ଲାଗିପାରେ ଏବଂ କାମ ଉପରେ ଏହା ପ୍ରଭାବ

## ନାଇଟ୍ ସିଫ୍ଟ କରୁଥିଲେ ସାବଧାନ!

ନାଇଟ୍ ସିଫ୍ଟ କରୁଥିବା ଲୋକେ ଏବେ ସାବଧାନ ହୋଇଯାନ୍ତୁ । କାରଣ ଏମାନଙ୍କୁ ଡାଇବେଟିସ୍ ହେବା ଆଶଙ୍କା ଅଧିକ ରହୁଛି ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ରାତିରେ କାମ କରିବା ଦ୍ୱାରା ରକ୍ତରେ ଗ୍ଲୁକୋଜ୍ ସ୍ତରରେ ଅନିୟମିତତା ଦେଖାଯାଏ । ଏଥିଯୋଗୁଁ ଜଣେ ବ୍ୟକ୍ତି ଟାଇପ୍-୨ ଡାଇବେଟିସ୍‌ରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି । ଏହି ରୋଗରେ ରକ୍ତରେ ଗ୍ଲୁକୋଜ୍ ମାତ୍ରା ସାମାନ୍ୟଠାରୁ ଅଧିକ ଥାଏ। ଏହି ରୋଗୀମାନେ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ସହ ସେମାନଙ୍କ ର ଦୃଷ୍ଟିଶକ୍ତି ମଧ ହ୍ରାସ ପାଇଥାଏ । ଏହାବ୍ୟତୀତ ଏମାନଙ୍କର କିଡନୀ ଖରାପ ହୋଇଯିବା ଆଶଙ୍କା ମଧ ଅଧିକ ଥାଏ । ଅଧ୍ୟନ ସମୟରେ ଦିନରେ କାମ କରୁଥିବା ଲୋକଙ୍କ ଅପେକ୍ଷା ରାତିରେ କାମ କରୁଥିବା ଲୋକଙ୍କର ଗ୍ଲୁକୋଜ ସ୍ତର ୧୬% ବୃଦ୍ଧି ପାଇଥିବାର ଦେଖାଯାଇଥିଲା। ହାଭାର୍ଡ ମେଡିକାଲ ସ୍କୁଲ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା । ରାତିଟିଏ ବି କାମ କଲେ ଗ୍ଲୁକୋଜ ସ୍ତରରେ ଅନିୟମିତତା ଦେଖାଯାଏ । ନାଇଟ୍ ସିଫ୍ଟରେ ଦୀର୍ଘଦିନ ଧରି କାମ କରିବା ଦ୍ୱାରା ଜଣେ ଟାଇପ୍ - ଟୁ ଡାଇବେଟିସରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି ।



## ଓଜନ ହ୍ରାସର ସରଳ ଉପାୟ

ଆମେରିକାର ଏକ ନାମକରା କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ବିଶେଷ ଖାଦ୍ୟପେୟ ତାଲିକା ପ୍ରସ୍ତୁତ କରିଛି। ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ କମ୍ପାନୀ ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ। କର୍ମଚାରୀଙ୍କ ଓଜନ ଅସ୍ୱାଭାବିକ ଭାବେ ବୃଦ୍ଧି କାରଣରୁ କମ୍ପାନୀ ମୁଖ୍ୟ ବିଚାରକ ମଣ୍ଡଳୀ ସହ ପରାମର୍ଶ କରି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାଟି ଉଚିତ୍ ଭାବେ କାର୍ଯ୍ୟ କରିବାରୁ ବୈଜ୍ଞାନିକ ମାନେ ମଧ୍ୟ ଏହି ଉପାୟକୁ ଓଜନ ହ୍ରାସର ସର୍ବୋତ୍ତମ ଉପାୟ ଭାବେ ପ୍ରକାଶ କରିଛନ୍ତି। ଏଥିପାଇଁ କର୍ମଚାରୀଙ୍କୁ ୭ଦିନର ଖାଦ୍ୟ ତାଲିକା ପ୍ରଥମେ ପ୍ରସ୍ତୁତ କରି ଦିଆଗଲା। ପ୍ରଥମଦିନ କେବଳ ଫଳାହାର ଓ ପାଣି ପିଇବାକୁ ପରାମର୍ଶ ଦିଆଯିବା ସହ କଦଳୀ ଆଦୌ ନଖାଇବାକୁ କୁହାଯାଇଥିଲା। ପ୍ରଥମଦିନ ତାଲିକାରେ ଜଳଖିଆରେ ଗୋଟିଏ ସେଓ, ଗୋଟିଏ କମଳା ଓ ଦୁଇ ଗିଲାସ ପାଣି। ଦ୍ୱିପହର ଭୋଜନରେ ପାଚିଲା ଅମୃତଭଣ୍ଡା, ତରଭୁଜ ଓ ଦୁଇ ଗିଲାସ ପାଣି। ରାତିରେ ଅନୁରୂରପ ଫଳାହାର। ଦ୍ୱିତୀୟ ଦିନରେ କେବଳ ସିଝା ପନିପରିବା ଖାଇବାକୁ ପରାମର୍ଶ ଦିଆଗଲା। ତୃତୀୟ ଦିନ ଫଳ ଓ ପନିପରିବା ମିଶ୍ରିତ ଭାବରେ ଖାଇବାକୁ ପରାମର୍ଶ



ଦିଆଯାଇଥିଲା। ଏଭଳି ପ୍ରକ୍ରିୟାରେ ତୃତୀୟ ଦିନ ହିଁ ଅଧିକାଂଶ କର୍ମଚାରୀଙ୍କ ଓଜନ ହ୍ରାସ ହୋଇଥିବାର ଲକ୍ଷ୍ୟ କରାଗଲା। ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଥରୁଟିଏ ନିଜ ମନପସନ୍ଦର ଭୋଜନ କରିବା ଉଚିତ୍।

## କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭର କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଣ୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସାବଧାନତା ହେଲେ ସ୍ଥିତି ସୁଧୁରିବ...

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତା'ର ଦ୍ୱିମାସିକ ସୁଧହାର ନୀତି ସମ୍ପର୍କରେ ଘୋଷଣା କରିସାରିଛି। ଏହି ନୀତି ଅନୁସାରେ ମେ'୨୦୨୦ ପରେ ଲଗାତାର ଚତୁର୍ଥ ଥର ପାଇଁ ଆରବିଆଇ ସବୁଯାକ ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଅର୍ଥାତ ବର୍ତ୍ତମାନ ଭଳି ରିପୋ ରେଟ୍ ୪ ପ୍ରତିଶତ ଏବଂ ରିଭର୍ସ ରିପୋ ରେଟ୍ ୩.୩୫ ପ୍ରତିଶତ ରହିଛି। ଆସନ୍ତା ମାର୍ଚ୍ଚ ମାସରୁ କ୍ୟାସ୍ ରିଜର୍ଭ ରେସିଓ (ସିଆରଆର)କୁ ସ୍ୱାଭାବିକ କରାଯିବ। ଏଣୁ ଆରବିଆଇ ଆର୍ଥିକ ନୀତି ସମ୍ପର୍କିତ ଆଭିମୁଖ୍ୟ ଅର୍ଥନୀତିକ ଅଭିବୃଦ୍ଧିକୁ ସୁହାଇବା ଭଳି ଅନୁକୂଳ ରହିବ। କେନ୍ଦ୍ରୀୟ ବ୍ୟାଙ୍କର ଏପରି ଆଭିମୁଖ୍ୟ ଏକ ସାବଧାନତାପୂର୍ଣ୍ଣ କାର୍ଯ୍ୟର ସୂଚନା ପ୍ରଦାନ କରୁଛି। ମୁଦ୍ରାସ୍ଫୀତି ସର୍ବାଧିକ ସହନଶୀଳ ହ୍ରାସ ଘଟାଇନାହିଁ। ସେହିପରି ଋଣର ଚାହିଦାକୁ ସୀମିତ ନକରିବାପାଇଁ ଏହା ମଧ୍ୟ ସୁଧହାର ବଢ଼ାଇ ନାହିଁ। କୋଭିଡ୍-୧୯ ମହାମାରୀ ଯୋଗୁ ଶିଥିଳ ହୋଇପଡ଼ିଥିବା ଅର୍ଥନୀତିକ କାର୍ଯ୍ୟକଳାପ ବର୍ତ୍ତମାନ ସ୍ୱାଭାବିକ ହେବାକୁ ଲାଗିଥିବାରୁ ସାମ୍ପ୍ରତିକ ପରିସ୍ଥିତି ପରିପ୍ରେକ୍ଷୀରେ ୨୦୨୧-୨୨ ପାଇଁ ଅଭିବୃଦ୍ଧି ସକରାତ୍ମକ ହେବାର ସମ୍ଭାବନା ରହିଥିବା ନେଇ ଉଭୟ ଆରବିଆଇ ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବାଦୀ ରହିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଅଭିବୃଦ୍ଧିର ହାର ୧୧ ପ୍ରତିଶତ ହେବା ନେଇ କେନ୍ଦ୍ର ସରକାର ଆକଳନ କରିଥିବାବେଳେ ଆରବିଆଇ ଏହାଠୁ ସାମାନ୍ୟ କମ୍ ୧୦.୫ ପ୍ରତିଶତ ହେବ ବୋଲି ଆକଳନ କରିଛି। ପୁନଶ୍ଚ, ଆରବିଆଇର ଆକଳନ ଅନୁସାରେ ୨୦୨୦-୨୧ର ଚତୁର୍ଥ ତ୍ରୈମାସିକ ଅବଧିରେ ଖାଉଟି ମୂଲ୍ୟ ସୂଚକାଙ୍କ ୫.୨ ପ୍ରତିଶତ ହେବା ଆଶା କରାଯାଏ। ଲକ୍ଷ୍ୟଭୁକ୍ତ ଦୀର୍ଘକାଳୀନ ରିପୋ କାର୍ଯ୍ୟକଳାପ ମଧ୍ୟ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫ୍‌ସି) ମାନଙ୍କ କ୍ଷେତ୍ରକୁ ସମ୍ପ୍ରସାରିତ କରାଯାଇଛି। ଏହା ଦେଶର ଅର୍ଥନୀତି କ୍ଷେତ୍ରକୁ ଅଧିକ ନଗଦ ଅର୍ଥ ପ୍ରଦାନ କରିବା ଆଶା କରାଯାଏ। ଏହାଦ୍ୱାରରା ଏନ୍‌ବିଏଫସିଗୁଡ଼ିକ ଆରବିଆଇଠାରୁ ତିନିବର୍ଷିଆ ଋଣ ପାଇବାର ସୁବିଧା ଉପଲବ୍ଧ କରି ପାରିବେ ଯାହା ଫଳରେ ସେମାନେ ପୁଂଜିନିବେଶଯୋଗ୍ୟ କର୍ପୋରେଟ୍ ବଣ୍ଡ କ୍ରୟ କରିପାରିବେ। ସ୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କୁ ବିପୁଳ ଆର୍ଥିକ ନିଅଂଟର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ଏହାକୁ ଭରଣା କରିବା ପାଇଁ ସରକାର ବଡ଼ ଧରଣର ଋଣ ଜରିଆରେ ବିପୁଳ ପରିମାଣର ଅର୍ଥ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେଥିପାଇଁ ସାଧାରଣତଃ ବ୍ୟାଙ୍କ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କ ଦ୍ୱାରା ଖର୍ଦ୍ଦି କରାଯାଉଥିବା ସରକାରୀ ବଣ୍ଡଗୁଡ଼ିକରେ ଏହା ଖୁଚୁରା ପୁଂଜିନିବେଶକୁ ଅନୁମତି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଖୁଚୁରା ପୁଂଜିନିବେଶକାରୀମାନଙ୍କ ନିକଟରେ ବଣ୍ଡ୍ ବିକ୍ରିକୁ ପହଂଚାଇବା କାର୍ଯ୍ୟକୁ ସମ୍ପ୍ରସାରିତ କରିବା ଦୁଇ ପ୍ରକାରର କାର୍ଯ୍ୟ ସାଧନ କରିବ। ପ୍ରଥମତଃ ଏହା ଘରୋଇ ସଂଚୟର ଏକ ଅଂଶକୁ ସିଧାସଳଖ ସରକାରଙ୍କ ନିକଟରେ ପହଂଚାଇ ଦେଶର ଆର୍ଥିକ ଉନ୍ନତିରେ ସହଯୋଗ କରାଇବ। ଦ୍ୱିତୀୟରେ ଏହା ବଣ୍ଡ୍ ବଜାରର ପରିସରକୁ ପ୍ରଶସ୍ତ କରିବ। ତେବେ ସରକାରୀ ବଣ୍ଡ୍‌ଗୁଡ଼ିକର ଯୋଗାଣ ଯେତେ ବଢ଼ି ଚାଲିବ, ବଜାରରେ ସୁଧହାର ସେତେ ବଢ଼ିବ, ଯଦ୍ୱାରା ଘରୋଇ ଋଣ ଗ୍ରହୀତାମାନଙ୍କ ପାଇଁ ଋଣର ମୂଲ୍ୟ ଅଧିକ ହେବ। ଏହା ଘରୋଇ ପୁଂଜିନିବେଶଗୁଡ଼ିକୁ ସରକାରୀ ଉଧାର ବଳରେ ବାହାରକୁ ନିଷ୍କାସିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥନୀତିରେ ହାରାହାରି ଚାହିଦାରେ ବୃଦ୍ଧି ଘଟାଇବା, ଉତ୍ପାଦନ ବୃଦ୍ଧି କରିବା ତଥା କର୍ମନିଯୁକ୍ତି ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ଏଥିପାଇଁ ଆରବିଆଇର ସୁଧହାର ଅପରିବର୍ତ୍ତିତ ରଖିବା ଭଳି ନିଷ୍ପତ୍ତି ସହିତ ସରକାରଙ୍କର ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ବ୍ୟୟ କରିବାର ମନୋବୃତ୍ତି ଉପଯୁକ୍ତ ଯୋଜନା ହୋଇଥିବା ମନେହୁଏ। ଯଦିଓ ଏସବୁ ଭିତରେ ଅଚଳ ସମ୍ପତ୍ତିଗୁଡ଼ିକ, ଯାହା ଆରବିଆଇ ଦ୍ୱାରା ସମ୍ପ୍ରସାରିତ ବହନଜନିତ ସ୍ଥଗିତାଦେଶର ଅବଧି ପରେ ଆବିର୍ଭୂତ ହେବ, ସେସବୁକୁ ନେଇ କ'ଣ କରାଯିବ, ସେ ସମ୍ବନ୍ଧରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ପ୍ରଦାନ କରିବ, ତାହା ଏକ ଗଭୀର ଚିନ୍ତାର ବିଷୟ ହୋଇ ରହିବ। ଏକଥା ଅବଶ୍ୟ ଜଣା ଯେ ଏହିସବୁ ଅଚଳ ସମ୍ପତ୍ତିର ପରିମାଣ ଅଧିକ ହେବ ଏବଂ ଆରବିଆଇକୁ ଏହି ଅପରିହାର୍ଯ୍ୟତାକୁ ପରିଚାଳନା କରିବାକୁ ପଡ଼ିବ।

କବିତା କୋଣାର୍କ



## ରକ୍ତ ମାଂସର କଣ୍ଢେଇ...

ତପନ କୁମାର ସାହୁ

ତୋ କଣ୍ଢେଇ ଉପହାର
ଏବେ ସାଜିଛି ମୋ ନିସଂଗତା ର ସାଥୀ
କିଏ କହିଲା ତୋ ଉପହାର କଥା
କୁହେ ନା ?

ସେ କଥା କୁହେ ବୋଲିତ
ଆଜି ମୁ ତା ସାଥେ ହସେ,
ବସେ, ମିଶେ, ଗପେ
ତା ଆଖି
ମୋତେ ଚାହିଁ ଥାଏ ବୋଲି ତ
ତୋ ଉପସ୍ଥିତି ଅନୁଭବେ
ଆଉ ମୋ ଆଖି ବି ଦେଖେ
ତୋ ସାଥେ ବିତିଥିବା
ବିଗତ ଦିନର ସ୍ୱପ୍ନ
କଳ୍ପନା ବି ବାସ୍ତବ ମନେହୁଏ !

ଆମ ପ୍ରେମ ପବିତ୍ର ଥିଲା ବୋଲି ତ
ଜହ୍ନ ଆଜିବି ପ୍ରମାଣ ଦିଏ
କବିତା ଶୁଣାଏ
ରାତିର ଶେଷ ପ୍ରହରରେ
ମୁଁ ଆଖି ବୁଜି ଅଣ୍ଡାଳେ ବିଛଣା
ନା ଜହ୍ନ ନା ତାରା
ସକାଳ କୁ କେହି ନଥାନ୍ତି !

ଆମ ବନ୍ଧନ ନିବିଡ଼ ଥିଲା ବୋଲି ତ
ସନ୍ଧ୍ୟାର ସେ ଗପସପର ମୁହୂର୍ତ୍ତକୁ
ସମୁଦ୍ର ସାଇତି ରଖିଛି ତା ଗର୍ଭରେ
ବେଳେ ବେଳେ ଇଚ୍ଛା ହେଲେ
ଫେରେଇ ଦିଏ
ଢେଉ ହୋଇ ଛୁଏଁ ମୋ ଏକଲା ପଣ
ବେଳାଭୂମିର ବାଲିଘର !

ଆଜି କିନ୍ତୁ ସେ କଣ୍ଢେଇ
ମୁହଁରେ ହସ ନାହିଁ
ତା ଅଖି ର ଚାହାଣୀ ତଳ ମୁହାଁ
ତଥାପି ମୋ ଧର୍ଯ୍ୟ
ମୀରା ସାଜି ନିଃସ୍ୱାର୍ଥପର ଭାବେ
ତୋ ଭଜନ କୀର୍ତ୍ତନ କରେ
କାଳେ ତୁ ଆସିବୁ
ବସିବୁ, ଗପିବୁ, ହସିବୁ
ମୋ ସାଥେ ରକ୍ତ ମାଂସର
କଣ୍ଢେଇଟେ ହୋଇ !

+ବେଲଗାଁ, କଳାହାଣ୍ଡି
ମୋ: ୯୦୧୯୩୧୧୮୬୮

# ଆମେରିକାର ଟାର୍ଗେଟରେ ସାଓମି

ସୌମେନ୍ଦ୍ର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିକାଶ ଓ ଭିତ୍ତିଭୂମି ବିକାଶ ଆଳରେ ଚୀନ ସେନାର ଅଧିକାରୀ ଏହିସବୁ କମ୍ପାନୀର ଅଧିକାରୀ ବେଶରେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଗୋଇନ୍ଦାଗିରି କରିବା ସହ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ରାଜନୀତି, ଗଣମାଧ୍ୟମ ଏବଂ ଜନସମାଜକୁ ଚୀନା ସମର୍ଥକ କରିବା ଲାଗି କାର୍ଯ୍ୟ କରିଥାନ୍ତି। ଯଦି କୌଣସି ରାଷ୍ଟ୍ର ଚୀନ ସରକାରଙ୍କ ନୀତିର ବିରୋଧୀ ହୋଇଥାନ୍ତି ତେବେ ଏହିସବୁ କମ୍ପାନୀରେ କାର୍ଯ୍ୟରତ ସେନା ଅଧିକାରୀମାନେ ଉକ୍ତ ରାଷ୍ଟ୍ରରେ ସରକାର ପରିବର୍ତ୍ତନ ପାଇଁ ପ୍ରୟାସ କରିଥାନ୍ତି। ଚୀନା ସରକାରଙ୍କ ଗତ ପଞ୍ଚବାର୍ଷିକ ଯୋଜନାରେ ପ୍ରତିରକ୍ଷାପାଇଁ ରାଜନୀତିକ, ସାମରିକ ଓ ବେସାମରିକ ଏକତା ଉପରେ ଜୋର ଦେଇ କାର୍ଯ୍ୟକରିବାକୁ କୁହାଯାଇଥିଲା। ସେନାର ଆକ୍ରମଣ କ୍ଷମତା ଓ ଯୋଜନାର ସଫଳତାରେ ଚୀନର କମ୍ପାନୀମାନେ ଚୀନ ସରକାରଙ୍କୁ ସବୁକ୍ଷେତ୍ରରେ ସାହାଯ୍ୟ କରିବାଲାଗି କୁହାଯାଇଥିଲା। ତେଣୁ ଚୀନର ବାଣିଜ୍ୟ ଏବେ ଅଣସାମରିକ ହୋଇ ରହିନାହିଁ ବୋଲି କୁହାଯାଉଛି।

ଟ୍ରମ୍ପଙ୍କ ସମାଲୋଚକମାନେ ତାଙ୍କ ପଦକ୍ଷେପକୁ ଗ୍ରହଣ ନକରିବା ସହ ନବନିର୍ବାଚିତ ରାଷ୍ଟ୍ରପତି ଜୋ-ବାଇଡେନଙ୍କ ୧.୯ ଟ୍ରିଲିଅନ୍ ଡଲାର କୋରୋନା ସହାୟତା ଯୋଜନାକୁ ପାରଦର୍ଶୀ ବୋଲି କହିଛନ୍ତି। ଏହି ଯୋଜନା ହିଁ ଏସିଆର ବଜାରକୁ ସମୃଦ୍ଧ କରିବା ସହ ଆମେରିକାର ସ୍ୱାର୍ଥରକ୍ଷା କରିପାରିବ ବୋଲି ସେମାନେ କହୁଛନ୍ତି। ବାଇଡେନଙ୍କ ଯୋଜନାରେ ଚୀନର ଅର୍ଥନୀତି ପ୍ରଭାବିତ ହେବ ବୋଲି ସେମାନେ କହୁଥିଲେ ହେଁ ଟ୍ରମ୍ପଙ୍କ ପରି ବାଇଡେନ ସନ୍ତ୍ରାସବାଦୀଙ୍କ ବାଣିଜ୍ୟକୁ କିପରି ନିୟନ୍ତ୍ରଣ କରିବେ ତାହା ଜଣାପଡୁନାହିଁ। ପୃଥିବୀର ଅନେକ ଦେଶରେ ସନ୍ତ୍ରାସୀ ବାଣିଜ୍ୟ ସରକାରଙ୍କ ସହଯୋଗ କ୍ରମେ ଗ୍ରଲୁଛି। ଯେପରି ପାକ୍‌ର ସହଯୋଗରେ ତାଲିବାନ ଗୋଷ୍ଠୀର ନିଶା ବ୍ୟବସାୟ ସାରା ପୃଥିବୀକୁ ବ୍ୟାପିଛି। ଗ୍ରେରା ବନ୍ଧୁକ ବ୍ୟବସାୟ ଏବେ କୁଟୀର ଶିଳ୍ପରେ ପରିଣତ ହେବା ସହ ବିଶ୍ୱର ଅନେକ ରାଷ୍ଟ୍ରର ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଭାରତ-ମ୍ୟାନମାର-ଥାଇଲାଣ୍ଡ ସଡକପଥ ଏବଂ ଭାରତ-ମ୍ୟାନମାର ଜଳପଥ ମାର୍ଗ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ପାଇଁ ଚୀନ ସେନାର ସହଯୋଗରେ ମ୍ୟାନମାର ସନ୍ତ୍ରାସବାଦୀଙ୍କୁ ଅସ୍ତ୍ର ଯୋଗାଣ ଥାଇଲାଣ୍ଡରେ ଧରାପଡିବା ପରେ ଚୀନ ସରକାରଙ୍କ ତଥାକଥିକ ବେଲଟ୍ ଏଣ୍ଡ ରୋଡ ପ୍ରକଳ୍ପରୁ ଅନେକ ରାଷ୍ଟ୍ର ଏବେ ମୁହଁ ମୋଡିଲେଣି। ତେଣୁ ବାଇଡେନ୍ ପାକ୍ ଓ ଚୀନର ବିଶ୍ୱବ୍ୟାପି ସନ୍ତ୍ରାସ -ବାଣିଜ୍ୟ ନୀତିକୁ ପ୍ରତିହତ କରିପାରିବେ ନାହିଁ ବୋଲି ଟ୍ରମ୍ପଙ୍କ ସମର୍ଥକ ଜୋର ଦେଇ କହୁଛନ୍ତି। ଆଗାମୀ ଦିନରେ ଜୋ ବାଇଡେନ ପାକ୍ ଓ ଚୀନ ପ୍ରତି କୋହଳ ମନୋଭାବ ପୋଷଣ କରିବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ନିର୍ବାଚନ ପ୍ରଗ୍ରର ସମୟରେ ପାକ୍‌ର କାଶ୍ମୀର ନୀତିକୁ ବାଇଡେନ୍ ଓ କମଳା ହାରିସ ସମର୍ଥନ କରିବାକୁ ଘୋଷଣା କରିଥିଲେ। ଯଦି ତାହା ହୁଏ ତେବେ ଆମେରିକା ଭାରତ ସଂପର୍କ ଖରାପ ହେବାର ଆଶଙ୍କା ରହିଛି। ବୋଧହୁଏ ସେହି ଆଶଙ୍କାରେ ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ଅଧିକ ସାହାଯ୍ୟ କରିବାପାଇଁ ଭାରତ ପୂର୍ବ ରୁଷିଆର ବରଫାବୃତ୍ତ ଅଞ୍ଚଳରେ ଗ୍ୟାସ ଅନ୍ୱେଷଣ ତଥା ଗବେଷଣା ପାଇଁ ଜାପାନ ସହ ମିଶି ବୁଝାମଣା କରିବାକୁ ପ୍ରସ୍ତାବ ଦେଇଛି। ଏହା ହେଲେ ଜାପାନ ଅଧିକ ଅର୍ଥ ରୁଷିଆରେ ବିନିଯୋଗ କରିବା ଫଳରେ ରୁଷିଆର ଅର୍ଥପାଇଁ ଚୀନ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ପୂର୍ବରୁ ସମାନ ଢଙ୍ଗରେ ଭାରତ ସରକାର ମାଳଦ୍ୱୀପ ଓ ଆଫ୍ରିକା ମହାଦେଶରେ ଜାପାନୀ ଅର୍ଥ ଲଗାଣର ବ୍ୟବସ୍ଥା କରିଛନ୍ତି। ଏପରିକି ଭାରତ-ମ୍ୟାନମାର ସଡକ ପ୍ରକଳ୍ପରେ ମଧ ଜାପାନ ପୁଞ୍ଜି ଲଗାଣ ପାଇଁ ରାଜି ହୋଇଛି। ଟ୍ରମ୍ପଙ୍କ ଚୀନ ପ୍ରତି କଠୋର ନୀତି ତୁଳନାରେ ବାଇଡେନଙ୍କ ନୀତି କଣ ହେବ ତାହା ଜଣାପଡିନଥିଲେ ମଧ ଇରାନର ସାମୁଦ୍ରିକ କ୍ଷେତ୍ରରେ ପ୍ରଦର୍ଶନ ଏବଂ ଉତ୍ତର କୋରିଆର ବିଧ୍ୱଂସକାରୀ କ୍ରୁଜ କ୍ଷେପଣାସ୍ତ୍ର ପ୍ରଗ୍ରର ବାଇଡେନଙ୍କ ପାଇଁ ମୁଣ୍ଡ ବିନ୍ଧା ବଢାଇବ ନିଶ୍ଚୟ। ତେବେ କୋରୋନାର ସଂକ୍ରମଣ ସମୟରେ ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀଙ୍କ ପରି ଚୀନର ବାଣିଜ୍ୟକୁ ନିୟନ୍ତ୍ରଣ କରିବାଲାଗି ଅନେକ କଠୋର ନୀତି ଗ୍ରହଣ କରିଥିଲେ। ଟ୍ରମ୍ପଙ୍କ ତୁଳନାରେ ଇଉରୋପୀୟ ସଂଘ ସେତେଟା କଠୋର ନହୋଇ ବାଣିଜ୍ୟିକ ବୁଝାମଣା ଚୀନ ସହ କରିଛି। ଏକଥା ସତ ଯେ ଟ୍ରମ୍ପ କଥା ଓ କାର୍ଯ୍ୟରେ ଚୀନର ବିରୋଧ କଲାବେଳେ ମୋଦି କେବଳ ନୀତିରେ ବିରୋଧ କରିଛନ୍ତି। ତେଣୁ ଟ୍ରମ୍ପଙ୍କୁ ଅନେକ ଅସ୍ଥିରମନା ଅଧିକ କୁହାବୋଲି ସମାଲୋଚନା କଲେ ମଧ ସେ କଠୋର ପାକ-ଚୀନ ବିରୋଧୀ ଭାବେ ମନେ ରହିବେ।

(ସମାପ୍ତ)

ଭାରତୀୟ ସମ୍ବାଦ ସେବା
(ଭାସ)
ଭୁବନେଶ୍ୱର-୭୫୧୦୦୩

# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର



ଅକ୍ଷୟ କୁମାର ରାଉତ

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି। ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।



ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋକ୍ଳ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର। ୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍। ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ। ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

+ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ ନଂ - ୯୯୩୭୬୯୧୪୭୫

କବିତା କୋଣାର୍କ

## ଜୀବନ ଦର୍ଶନ

ସୁଦର୍ଶନ ମହାପାତ୍ର

ତୁମେ ଯେଉଁ ଫୁଲ
ଫୁଟାଇ ପାର ଓଠରେ
ଆଖି ଇସାରାରେ
ରିକ୍ତ ହୃଦୟରେ
ସେ ଫୁଲ ଫୁଲ ନୁହେଁ
ନିରୁତା ଜୀବନ ।

ତୁମେ ଯେଉଁ ସ୍ୱପ୍ନ
ବୁଣି ଚାଲ ସକାଳ ସଞ୍ଜରେ
ମନରେ ଆତ୍ମାରେ
ପ୍ରୀତି ପ୍ରଣୟରେ
ସେ ସ୍ୱପ୍ନ ସ୍ୱପ୍ନ ନୁହେଁ
ଆକାଂକ୍ଷିତ ଜୀବନ ।

ତୁମେ ଯେଉଁ ଅଭିମାନ
ଗୁନ୍ଥୁଥାଅ ଏକାନ୍ତରେ
ମୁଦ୍ରିତ ମୋହରେ
ବିଭୋରପଣରେ
ସେ ଅଭିମାନ କିଛି ନୁହେଁ
ଜୀବନର ଭିନ୍ନ ଏକ ନାମ ।

ତୁମେ ଯେଉଁ ଛବି
ସମୟର ଆଙ୍କ
ବିରହ ବେଦନା
ଅବା ନିଃସଙ୍ଗପଣର
ସେ ଛବି ଛବି ନୁହେଁ
ଜୀବନର ସ୍ମୃତି ପଦଚିହ୍ନ ।

ତୁମେ ଯେଉଁ କଥା
ଲେଖିବାକୁ ଚାହଁ
କବିତାୟନରେ
କିଛି ଫୁଲ କିଛି ସ୍ୱପ୍ନ
କିଛି ଛବି ଅବା ଅଭିମାନ
ସେ ପରା ଉନ୍ମୀଳିତ
ଜୀବନ ଦର୍ଶନ....!!!

କୁଞ୍ଜବିହାରୀ ଲେନ, କଟକ

## ଶିକାର ହେବେ ହେଟା ଓ ଶିଆଳ

ବିନୟ ଭୂଷଣ ପାଣିଗ୍ରାହୀ



ହେଟାବାଘ,ଗଧିଆଙ୍କ ପରି
ମାତିଛନ୍ତି ନାରୀମାଂସ ଲୋଭୀ
ଗାଁ ଗଣ୍ଡା,ସହର-ବଜାର
ଅନ୍ଧାରରେ ଛକି ବସୁଛନ୍ତି
ଏକୁଟିଆ ଅବଳା ଦେଖିଲେ
ଓର ଉଣ୍ଡି ଝାମ୍ପି ପଡୁଛନ୍ତି
ଟେକିନେଇ ବଣବୁଦା ମୂଳେ
ଝୁଣୁଛନ୍ତି ସେମାନଙ୍କ
କୋମଳ ଦେହ ସାଥେ
ପବିତ୍ର ଆତ୍ମାକୁ
ଖୁରରେ ବେକ କାଟି
ଅଖଡକେ ନେଉଛନ୍ତି ପ୍ରାଣ।

ଆଉଦଳେ ଶିଆଳଙ୍କ ପରି
ପଇନ୍ତରା ମାରୁଛନ୍ତି
କାଳିଆ ପଲସର୍ ଚଢି
ମର୍ଦ୍ଦ ନଥିବା ଦେଖିଲେ
ଚିଲ ପରି ଝାମ୍ପିନେଉଛନ୍ତି
ମାଇପି ଲୋକଙ୍କ ଠାରୁ
ଫୋନ ଆଉ ଚେନ୍।

ସେମାନଙ୍କୁ ସିଂହ ଭାବି
ଘରକୋଣେ ଲୁଚୁଛନ୍ତି
ଚିକ୍କଣ ଚେହେରାର ଦାସ
ନିର୍ଲ୍ଲଜ ଭେଣ୍ଡିଆ ମାନେ,
ଥରୁଛନ୍ତି ପତ୍ର ପରି
ନିଶମୋଡା ଦମ୍ଭିଲା ପୁଲିସ,
ସେମାନଙ୍କୁ ସାମ୍ନା କରିବାକୁ
ଭାବିଦେଲେ ଥରୁଛି ସର୍ବାଙ୍ଗ,
ଭାଙ୍ଗିଯାଉଛି ସବୁ ଟାଣପଣ।

ମାଆବାପ ଓ ବୁଢ଼ାବୁଢ଼ୀ ମାନେ
ଡରୁଥିଲେ ଆଗେ ଏସବୁକୁ
ଏବେ କିନ୍ତୁ ଛାଡ଼ିଦେଇ ଡର
ଭରିଲେଣି ଛାତିରେ ସାହସ
ଭରସା କରିବେନି ଆଉ
ଅପାରଗ ପୁଲିସ ଉପରେ
ହାତରେ ଧରିବେ ଅସ୍ତ୍ର,
ଆଇନକୁ ତା'ବାଟରେ
ଏକା ଛାଡିଦେଇ
ଶିକାର କରିବେ ଗୋଡେଇ
ନିଜହାତେ ହେଟା-ଶିଆଳଙ୍କୁ
ଜଣାଇଦେବେ ସର୍କାରକୁ
କେତେ ଅପାରଗ ତାଙ୍କ
ଶାସନ ବ୍ୟବସ୍ଥା,
କେତେ କଥାକୁହା ସିଂହ ତାଙ୍କ
ପୁଲିସ ପ୍ରଶାସନ।

ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ -୭୫୬୧୩୧
ମୋ: ୯୯୩୭୫୪୮୪୩୧



# ସଂସ୍କୃତିପ୍ରେମୀ ବିଜୁବାବୁ ଓ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର

ଦିଲ୍ଲୀପ ହାଲି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କୁ ପ୍ରଥମେ ସିନେକ୍ରିଟିକ ପକ୍ଷରୁ ପସ୍ତାବ ଦିଆଯାଇଥିଲା ଯେ, ଭାରତର ସଂସଦ ଭବନରେ ବିଜୁବାବୁଙ୍କ ମୃତ୍ୟୁ ପରେ ତାଙ୍କର ଏକ ତୈଳଚିତ୍ର ସ୍ଥାନ ପାଉ । ଏହି ପ୍ରସ୍ତାବଟି ସଂସ୍କୃତି ମନ୍ତ୍ରୀ ତତ୍‌କ୍ଷଣାତ ଗ୍ରହଣ କରି ଏହା କେଉଁ ଶିଳ୍ପୀଙ୍କ ଦ୍ୱାରା କରାଯିବ, ତାର ବ୍ୟବସ୍ଥା ହେଲା । କଟକସ୍ଥିତ ଆନନ୍ଦଭବନରେ ବିଜୁ ପଟ୍ଟନାୟକଙ୍କର ଏକ ଫଟୋଚିତ୍ର ଥିଲା । ତାକୁ ଓଡ଼ିଶାର ତତ୍କାଳୀନ ଓଡ଼ିଶା ଲଳିତକଳା ଏକାଡ଼େମୀର ସଚିବ ଶ୍ରୀ ଚନ୍ଦ୍ରମଣି ବିଶ୍ୱାଳ ଏହି ତୈଳଚିତ୍ରଟିକୁ ପ୍ରସ୍ତୁତ କରିଥିଲେ । ଏହା ପ୍ରସ୍ତୁତ ହେଲା ପରେ ସଂସଦ ଭବନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ସୁଷମା ସ୍ୱରାଜ ଏବଂ ଲାଲକୃଷ୍ଣ ଆଡ଼ଭାନୀ ପ୍ରମୁଖଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଥିଲା । ସେଠାରେ ଏହି ତୈଳଚିତ୍ର ପ୍ରସ୍ତୁତ କରିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ଚନ୍ଦ୍ରମଣି ବିଶ୍ୱାଳଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

ଓଡ଼ିଆ ତଥା ହିନ୍ଦୀ ଚଳଚ୍ଚିତ୍ରର ଅଭିନେତ୍ରୀ ବିଜୟା ଜେନା ଓରଫ ଡଲି ଜେନା ଏକ ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ଭେଟି ଅନୁରୋଧ କରିଥିଲେ । ଚଳଚ୍ଚିତ୍ର ଉନ୍ନୟନ ନିଗମରୁ ଋଣ ନେଇ ଚଚ୍ଚିତ୍ର ନିର୍ମାଣ ପାଇଁ ବିଜୁ ବାବୁ ତାଙ୍କୁ ସମସ୍ତ ସହାୟତା ଦେଇଥିଲେ । ସେତେବେଳର ଶିଳ୍ପମନ୍ତ୍ରୀ ଦିଲ୍ଲୀୟ ରାୟ ମଧ୍ୟ ସାହାଯ୍ୟ କରିଥିଲେ । ତାହା ପରେ ଓଡ଼ିଆ ଚଳଚ୍ଚିତ୍ର 'ତାରା' ନିର୍ମାଣ ହେଲା ଯାହାକି ଜାତୀୟ ଚଳଚ୍ଚିତ୍ର ଉତ୍ସବରେ 'ତାରା' ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା ।

୧୯୯୦ ଡିସେମ୍ବର ମାସର ଶୀତ ସନ୍ଧ୍ୟାରେ ଆୟୋଜିତ ଅନ୍ୟଏକ ସିନେକ୍ରିଟିକ ଉତ୍ସବରେ ଗୋଟିଏ କୌତୁହଳଜନକ ଘଟଣା ଘଟିଥିଲା । ଏଥିରେ ମୁଖ୍ୟ ଅତିଥି ବିଜୁ ବାବୁଙ୍କ ସହ ବଲିଉଡ଼ ଅଭିନେତ୍ରୀ ନୀନା ଗୁପ୍ତା ଏବଂ ହିନ୍ଦୀ ଧାରାବାହିକର ଲୋକପ୍ରିୟ ଅଭିନେତା ମୋହନ ଗୋଖଲେ (ମିଃ ଯୋଗୀ ଚରିତ୍ର ପାଇଁ ପ୍ରସିଦ୍ଧ) ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଅବ୍ୟବହିତ ପୂର୍ବରୁ ଏକ ପ୍ରଳୟଙ୍କାରୀ ବାତ୍ୟା ଓ ବନ୍ୟା ବିପ୍ୱାତରେ ଗଞ୍ଜାମ ଜିଲ୍ଲା ଛାରଖାର ହୋଇଯାଇଥିଲା । ଉତ୍ସବରେ ବିପୁଳ ଜନସମାଗମକୁ ଲକ୍ଷ୍ୟ କରି ବିଜୁ ବାବୁ ବନ୍ୟା ବିପନ୍ନଙ୍କୁ ଦୁର୍ଦ୍ଦଶା ବିଷୟରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ବିଜୁଙ୍କ ଆବେଗଭରା ଆହ୍ୱାନ ଶୁଣି ଅଭିନେତା ମୋହନ ଗୋଖଲେ ନିଜେ ମଞ୍ଚ ଉପରୁ ଓହ୍ଲାଇ ଏକ ଟିଣ ଡବା ଧରି ଉପସ୍ଥିତ ଦର୍ଶକ ମଣ୍ଡଳୀଠାରୁ ଦାନ ସଂଗ୍ରହ କରିଥିଲେ । ତାଙ୍କ ଦେଖାଦେଖି ଅନ୍ୟ କଳାକାରମାନେ ମଧ୍ୟ ରବୀନ୍ଦ୍ର ମଣ୍ଡପର ଭରପୂର ପ୍ରେକ୍ଷାଳୟରୁ ଦାନ ସଂଗ୍ରହ ଆରମ୍ଭ କରିଥିଲେ । ମୋଟାମୋଟି ଭାବରେ ଉତ୍ସବରେ ସଂଗୃହିତ ସମସ୍ତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ପ୍ରଦାନ କରାଯାଇଥିଲା ।

(ସମାପ୍ତ)

+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮

# ନୂଆ ନାୟିକା ମହିମା

ଦିନଥିଲା ଓଡ଼ିଆ ଚଳଚ୍ଚିତ୍ରରେ ନାୟିକା ଖୋଜାପାଇଁ ସାଉଥ୍ ଇଣ୍ଡଷ୍ଟ୍ରି କି ବଂଗଳାକୁ ଯିବାକୁ ପଡ଼ିଥିଲା । ଏବେ କିନ୍ତୁ ଓଲିଉଡ୍‌ରେ ଆଉ ସେ ସମସ୍ୟା ଦେଖିବାକୁ ମିଳୁନି । ନୂଆ ନାୟିକାମାନଙ୍କର ଭିଡ଼ ଜମିବାରେ ଲାଗିଛି । ଏମାନେ ପରଦେଶୀ ନାୟିକାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ।






ଭୂମିକା, ତମନ୍ନ, ସନମୀରା ପ୍ରଭୃତି ନବାଗତା ନାୟିକାମାନଙ୍କ ସହ ଆଉ ଗୋଟେ ନାଆଁ ଯୋଡ଼ି ହୋଇଯାଇଛି । ସେ ହେଲେ ମହିମା । ବୟସ ସିନା କମ୍ ହେଲେ ଅଭିନୟର ପରିପକ୍ୱତା ବେଶ୍ ବାରି





ହୋଇପଡ଼େ । ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାରେ ତାଙ୍କର ବେଶ୍ ଆଗ୍ରହ । ଚଳଚ୍ଚିତ୍ର 'ଚାଲଟିକେ ଦୃଷ୍ଟ ହେବା', 'ଲଭ୍ ୟୁ ପ୍ରିୟା', ପରେ ଏବେ ଫ୍ଲୋରରେ ଅଛି କିଏ ହେବ ମୋ ହିରୋଇନ୍ । ନାୟକ ଅସୀତଙ୍କ ବିପକ୍ଷରେ ସେ ମୁଖ୍ୟ ନାୟିକା ଭାବରେ ଆସୁଛନ୍ତି । ଏହି ଚଳଚ୍ଚିତ୍ରରେ ଶ୍ରୀତମ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ । ଆଗକୁ ମହିମାଙ୍କର ଆସୁଛି 'ତୁମେ ମୋ ଶଂଖା, ତୁମେ ମୋ ସିନ୍ଦୁର' ।



# ବିଦେଶିନୀଙ୍କୁ ବିବାହ କରିବେ ପ୍ରଭାସ



ବାହୁବଳୀ ମେଗାଷ୍ଟାର୍ ପ୍ରଭାସଙ୍କ ସହିତ ଅନୁଷ୍କା ସେଟ୍ଟୀ ଏକାଠି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଉଭୟ ଏ ପର୍ଯ୍ୟନ୍ତ ବିବାହ କରିନଥିବାରୁ ସିନେ ଜଗତରେ ଦୁହିଁଙ୍କ ବିବାହ ହେବାକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି । ହେଲେ ନିକଟରେ ପ୍ରଭାସଙ୍କ ବିବାହକୁ ନେଇ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି । ଖୁବ୍ ଶୀଘ୍ର ପ୍ରଭାସ ହାତରୁ ଦି'ହାତ ହେବେ ବୋଲି ଶୁଣାଯାଉଛି । ମାତ୍ର ସେ ଅନୁଷ୍କାଙ୍କୁ ନୁହେଁ, ବରଂ ଆମେରିକାର ଜଣେ ବ୍ୟବସାୟୀଙ୍କ ଝିଅକୁ ବାହା ହେବ ବୋଲି ଚର୍ଚ୍ଚା ହେଉଛି । ଯୁବତୀଜଣକ ଏକ ସଫ୍ଟୱେୟାର୍ କମ୍ପାନିରେ ଚାକିରି କରୁଥିବା ବେଳେ ଉଭୟଙ୍କ ବାହାଘରକୁ ନେଇ ପରିବାର ମଧ୍ୟରେ କଥାବାର୍ତ୍ତା ଚାଲୁଥିବା ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଭାସ ଉକ୍ତ ବିଦେଶିନୀଙ୍କ ସହିତ ବିବାହ କରିବାକୁ ସବୁଜ ସଙ୍କେତ ଦେଇଥିବା ଟଲିଉଡ୍ ଗଣମାଧମରେ ଖବର ପ୍ରକାଶ ହେଉଛି । ଗତକାଲି ସାମାଜିକ ଗଣମାଧମରେ 'ରାଧେ ଶ୍ୟାମ୍' ଚଳଚ୍ଚିତ୍ର ପ୍ରି ଟିଜର୍ ରିଲିଜ୍ ହୋଇଥିଲା । ପ୍ରଭାସ ଏଥିରେ ଜଣେ ଲଭର ବୟ ଭାବେ ଅଭିନୟ କରିବେ ।

# ୨୦୦ ସାଥୀ କଳାକାରଙ୍କ ସହ ନାଚିବେ ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡି' ପାଇଁ ପୂର୍ବ ପ୍ରସ୍ତୁତି ଚଳାଇଛନ୍ତି । ବିଶେଷକରି ଏହି ଚଳଚ୍ଚିତ୍ରର ଗୀତ ପାଇଁ ସେ କଠିନ ପରିଶ୍ରମ କରୁଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି । ସଂଜୟ ଲୀଳା ଭଂଶାଲିଙ୍କ ନିର୍ଦ୍ଦେଶନାରେ ସୁଟିଂ ହେବାକୁ ଥିବା ଏହି ଚଳଚ୍ଚିତ୍ରର ଏକ ଗୀତରେ ଆଲିଆ ୨୦୦ ସାଥୀ କଳାକାରଙ୍କ ସହ ନାଚିବେ । ଯାହା ବି-ଟାଉନ୍ ଇତିହାସରେ ପୂର୍ବରୁ କେବେ ହୋଇନାହିଁ । ଚଳଚ୍ଚିତ୍ରରେ ଆକ୍ସନ, କମେଡି ଅପେକ୍ଷା ଗୀତ ଓ ନୃତ୍ୟକୁ ବେଶି ପ୍ରାଧାନ୍ୟ ଦେଉଥିବା ସଂଜୟ ପୂର୍ବରୁ ଦେବଦାସ, ରାମଲୀଳା, ପିଙ୍ଗା ଗା ପୋରି ଭଳି ଗୀତର ନିର୍ଦ୍ଦେଶନା ଦେଇ ଖୁବ୍ ପ୍ରଂଶସା ସାଉଁଟିଛନ୍ତି । କୁହାଯାଉଛି ଯଦି 'ଗଙ୍ଗୁବାଇ କାଠିଆୱାଡି' ଚଳଚ୍ଚିତ୍ରରେ ଏହା (୨୦୦ ସାଥୀ କଳାକାର ନାଚିବା) ସମ୍ଭବ ହୁଏ, ତେବେ ଏହା ଇତିହାସ ରଚିବ । ଚଳଚ୍ଚିତ୍ରଟି ହୁସେନ୍ ଜାଇଦିଙ୍କ ପୁସ୍ତକ ମାଫିଆ କୁଇନ୍ସ ଅଫ୍ ମୁମ୍ବାଇ ପୁସ୍ତକର ଗଙ୍ଗୁବାଇ କୋଠ୍ୱୋଲିରୁ ଉଦ୍ଧାର କରାଯାଇଛି ।



# ଆଉ ହସାଇବେନି 'ମିଷ୍ଟର୍ ବିନ୍'

ହଲିଉଡର ଚର୍ଚ୍ଚିତ ହାସ୍ୟ ଅଭିନେତା ରୋବନ ଏଟକିଂସନ । ପୁରା ଦୁନିଆରେ ସେ 'ମିଷ୍ଟର୍ ବିନ୍' ନାଁରେ ପ୍ରସିଦ୍ଧ । ସମସ୍ତେ ତାଙ୍କ 'ମିଷ୍ଟର୍ ବିନ୍' ଚରିତ୍ରକୁ ବେଶ ପସନ୍ଦ କରନ୍ତି । ରୋବନ ଅନକ ଗୁଡିଏ ଫିଲ୍ମ ଏବଂ ନାଟକରେ କାମ କରିଛନ୍ତି କିନ୍ତୁ ଲୋକେ ତାଙ୍କୁ ଆଜି ବି 'ମିଷ୍ଟର୍ ବିନ୍' ରୂପେ ହିଁ ଚିହ୍ନନ୍ତି । ତେବେ ଏହି ପ୍ରସିଦ୍ଧ 'ମିଷ୍ଟର୍ ବିନ୍' ଆଉ ଆସିବେନି । ଲୋକଙ୍କ ଆଗରୁ ଦୂରେଇ ଯିବେ । ଆଉ ଦେଖିବାକୁ ମିଳିବନି 'ମିଷ୍ଟର୍ ବିନ୍'ଙ୍କ ନଟଖଟି ଚରିତ୍ର । ଏନେଇ ନିଜେ ଅଭିନେତା ରୋବନ ଏଟକିଂସନ ସୂଚନା ଦେଇଛନ୍ତି । ନିକଟରେ ରୋବନ କହିଛନ୍ତି, ମୁଁ ଆଉ 'ମିଷ୍ଟର୍ ବିନ୍' ଚରିତ୍ରରେ ଅଭିନୟ କରିବି ନାହିଁ । କିନ୍ତୁ ଆଗକୁ ଏହି ଚରିତ୍ର ଉପରେ ନିର୍ମାଣ ହେବାକୁ ଯାଉଥିବା ଆନିମେଟେଡ ସିରିଜରେ ଭଏସ୍ ଦେବି । ମୋ ପାଇଁ ଏହି ଚରିତ୍ରକୁ କେବଳ ଭଏସ ରୂପେ ପରଦାରେ ନିଭାଇବା ସହଜ । ମୋତେ ଆଉ ଏହି ଚିରତ୍ରରେ ଅଭିନୟ କରିବାକୁ ଭଲ ଲାଗୁ ନାହିଁ । ଏହି ଚରିତ୍ର ପାଇଁ ମୋତେ ବଡ ଦାୟିତ୍ୱ ମୁଣ୍ଡେଇବାକୁ ପଡୁଛି ବୋଲି ରୋବନ୍ କହିଛନ୍ତି । ସୂଚନାଯୋଗ୍ୟ ଯେ, ୧୯୯୦ରେ ପ୍ରଥମ ଥର ପାଇଁ ଟେଲିଭିଜନରେ 'ମିଷ୍ଟର୍ ବିନ୍'ର ଚରିତ୍ର ଦେଖିବାକୁ ମିଳିଥିଲା । ଏହାପରେ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଯାଇଥିଲେ 'ମିଷ୍ଟର୍ ବିନ୍' ଏବଂ ରୋବନ ଏଟକିଂସନ । 'ମିଷ୍ଟର୍ ବିନ୍'ଙ୍କ ଫେସବୁକ ପେଇଜକୁ ସାରା ବିଶ୍ୱରେ ସବୁଠୁ ଅଧିକ ପସନ୍ଦ କରାଯାଇଛି । ଏହା ବିଶ୍ୱର ୧୦ ନମ୍ବର ସ୍ଥାନରେ ରହିଛି ।

# ଅସ୍କାରରେ ଏଣ୍ଟ୍ରି ମାରିଲା ଏକତା କପୁରଙ୍କ 'ବିଟ୍ଟୁ'

ଅସ୍କାରରେ ଭାରତର ଆଉ ଏକ ଫିଲ୍ମ ଏଣ୍ଟ୍ରି ମାରିଛି । ଏକତା କପୁର, ତାହିରା କଶ୍ୟପ୍ ଓ ଗୁନୀତ ମୋଙ୍ଗାଙ୍କ ଅଭିନୀତ ଶର୍ଟ ଫିଲ୍ମ 'ବିଟ୍ଟୁ'କୁ ଅସ୍କାର ୨୦୨୧ରେ ଏଣ୍ଟ୍ରି ମିଳିଛି । ସେହିପରି ମାଲୟଲମ ଫିଲ୍ମ 'ଜଲିକଟ୍ଟୁ' ଅସ୍କାର ଦୌଡ଼ରୁ ବାହାର ହୋଇଯାଇଛି । 'ବିଟ୍ଟୁ' ଫିଲ୍ମକୁ ଲାଇଭ୍ ଆକ୍ସନ୍ ଶର୍ଟ ଫିଲ୍ମ କ୍ୟାଟେଗୋରୀ ପାଇଁ ଚୟନ କରାଯାଇଛି । 'ବିଟ୍ଟୁ' ବ୍ୟତୀତ ଆଉ ୯ଟି ଶର୍ଟ ଫିଲ୍ମ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି । ଖୋଦ୍ ଏକତା କପୁର ଓ ତାହିରା କଶ୍ୟପ୍ ସୋଶାଲ ମିଡିଆରେ ଏହି ଖୁସି ଖବର ଶେଆର୍ କରିଛନ୍ତି ।

ତାହିର ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଲେଖିଛନ୍ତି, '୯୩ତମ ଏକାଡେମୀ ପୁରସ୍କାର ପାଇଁ 'ବିଟ୍ଟୁ' ଟପ୍-୧୦ରେ ସ୍ଥାନଦ ପାଇଛି । ଆମେ ଶାନ୍ତ ରହିପାରିବୁ ନାହିଁ କାରଣ ଏହା ଇଣ୍ଡିଆନ ୱିମେନ୍ ରାଇଜିଂ ଅଧୀନସ୍ଥ ଆମର ପ୍ରଥମ ପରିଯୋଜନା, ଯାହା ଆମ ପାଇଁ ବହୁତ ଖାସ୍ । ଆପଣ ସମସ୍ତେ ରକଷ୍ଟାର୍ ।' ସେହିପରି ଏକତା କପୁର ଖୁସି ପ୍ରକଟ କରି କହିଛନ୍ତି ।

ଚଳିତ ବର୍ଷ ଆରମ୍ଭରେ ଫିଲ୍ମ ନିର୍ମାତା ଏକତା କପୁର, ଗୁନୀତ ମୋଙ୍ଗା, ତାହିରା କଶ୍ୟପ୍ ଖୁରାନ୍ନା ଓ ରୁଚିକା କପୁର 'ଇଣ୍ଡିଆନ୍ ୱିମେନ୍ ରାଇଜିଂ' ଲଞ୍ଚ କରିଥିଲେ । ନିଜର ପ୍ରଥମ ପ୍ରୋଜେକ୍ଟର ଘୋଷଣା କରିବା ପରେ ପରେ ଏକ ଶର୍ଟ ଫିଲ୍ମ ନିର୍ମାଣ କରିଥିଲେ, ଯାହାର ନାମ 'ବିଟ୍ଟୁ' ରଖାଯାଇଛି । କରିଶ୍ମା ଦେବ ଦୁବେଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ତା'ର ଦମଦାର ପଟକଥା ଓ ଅଭିନୟ ଦ୍ୱାରା ସମସ୍ତଙ୍କ ଧାନ ଆକର୍ଷଣ କରିଛି ।

ଶର୍ଟ ଫିଲ୍ମ 'ବିଟ୍ଟୁ' ୧୮ରୁ ଅଧିକ ଫେଷ୍ଟିଭାଲ୍ ଜିତି ସାରିଛି । ବିଟ୍ଟୁ ଭାରତରେ ଧର୍ମଶାଳା ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରସାରିତ ହୋଇସାରିଛି । ଏହାବ୍ୟତୀତ ଲଣ୍ଡନ ଫିଲ୍ମ ଫେଷ୍ଟିଭାଲ୍, ଟେଲୁରାଇଡ୍, ପାମ ସ୍ପ୍ରିଙ୍ଗସ୍ ଶର୍ଟଫେଷ୍ଟ, ହୋଲିଶର୍ଟ୍ସରେ ମଧ ଚାଲିଥିଲା । ଏଥିରେ କରିଶ୍ମାଙ୍କୁ ଶ୍ରେଷ୍ଠ ଡାଇରେକ୍ଟର ଆୱାର୍ଡ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଶର୍ଟ ଫିଲ୍ମ 'ବିଟ୍ଟୁ' ଏକ ସତ ଘଟଣା ଉପରେ ଆଧାରିତ । ଦୁଇ ଯୁବତୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି ।




# ପୁଣି ଚର୍ଚ୍ଚାରେ ସପ୍‌ନା

ବିବାଦୀୟ ଡ୍ୟାନ୍ସର ସପ୍‌ନା ଚୌଧରୀ ଏବେ ସାମାଜିକ ଗଣମାଧ୍ୟମରେ ପୁଣି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛନ୍ତି । ନିଜ ନୃତ୍ୟଶୈଳୀ ପାଇଁ ଲୋକପ୍ରିୟତା ହାସଲ କରିଥିବା ସପ୍‌ନାଙ୍କ ମିରର୍ ଡ୍ୟାନ୍ସକୁ ନେଇ ଏବେ ଚର୍ଚ୍ଚା ହେଉଛି । ଗର୍ଭବତୀ ଥିବାରୁ ସପ୍‌ନା ଦୀର୍ଘ ସମୟ ଧରି ବିଭିନ୍ନ ଷ୍ଟେଜ୍ ସୋ' ସମେତ ସାମାଜିକ ଗଣମାଧ୍ୟମରୁ ଦୂରେଇ ଯାଇଥିଲେ । ତେବେ ଗତ ମାସରେ ତାଙ୍କ ପୁଅ ଜନ୍ମ ହେବା ପରେ ସେ ଆଜି ତୁ ଇତ୍‌ନି ଖୁବସୁରତ୍ ହେ... ଗୀତରେ ନାଚି ତାଙ୍କ ଉପସ୍ଥିତି ଜାହିର କରିଛନ୍ତି । ଇନ୍‌ଷ୍ଟାଗ୍ରାମରେ ତାଙ୍କ ମିରର୍ ଡ୍ୟାନ୍ସ ଏତେ ଭାଇରାଲ୍‌ହେଉଛି ଯେ ଅପଲୋଡ୍ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଏହାକୁ ଏକ ମିଲିୟନ୍‌ରୁ ଉର୍ଦ୍ଧ୍ୱ ଲୋକ ଦେଖିସାରିଲେଣି ।



# କୃଷି ଋଣ ନିମନ୍ତେ କୃଷି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କରମାନଙ୍କ ବୈଠକ

ଭୁବନେଶ୍ୱର,୧୧।୨ (ନି.ପ୍ର): ଓଡ଼ିଶାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଋଣ ପ୍ରଦାନ ଦିଗରେ ଜାତୀୟକରଣ ବ୍ୟବସାୟିକ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଅଧିକ ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁଯାୟୀ ବ୍ୟାଙ୍କମାନେ ସମୁଦାୟ ଋଣର ଶତକଡ଼ା ୧୮ ପ୍ରତିଶତ କୃଷି କ୍ଷେତ୍ରରେ ଦିଆଯିବା କଥା । ଆନ୍ଧ୍ରପ୍ରଦେଶ, କେରଳ, ତେଲେଙ୍ଗାନା, ତାମିଲନାଡୁ ଓ ପଂଜାବ ଆଦି ରାଜ୍ୟ ତୁଳନାରେ ଓଡ଼ିଶାରେ ବ୍ୟବସାୟିକ ବ୍ୟାଙ୍କମାନେ କମ କୃଷି ଋଣ ପ୍ରଦାନ କରୁଛନ୍ତି । କୃଷକମାନଙ୍କ ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ରାଜ୍ୟ ସରକାର କୃଷିଋଣ ପ୍ରଦାନ ଦିଗରେ ପ୍ରାଥମିକତା ପ୍ରଦାନ କରିବା ସହିତ କୃଷି ଋଣ କ୍ଷେତ୍ରରେ ୩ ପ୍ରତିଶତ ସୁଧ ରିହାତି ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କମାନେ କୃଷିଋଣର ସ୍ତର ବୃଦ୍ଧି କରିବା ସହିତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି କୃଷି ଭବନରେ ଆୟୋଜିତ ବ୍ୟାଙ୍କର୍ସ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ସାହୁ କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ପ୍ରଦାନ ସଂପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ଋଣ ପ୍ରଦାନକୁ ରିଜର୍ଭ ବ୍ୟାଙ୍କର ଋଣ ପ୍ରଦାନ ଗାଇଡ୍‌ଲାଇନ୍ ସହ ସମତାଳରେ ଯୋଡ଼ିବା ପାଇଁ କହିଥିଲେ । ରାଜ୍ୟରେ କୃଷି ଉଦ୍ୟୋଗୀ ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପ୍ରଚଳନ କରିବା ସହିତ ଆକର୍ଷଣୀୟ ସବ୍‌ସିଡିର ବ୍ୟବସ୍ଥା କରିଛନ୍ତି । ସଂପ୍ରତି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଉଦ୍ୟୋଗୀମାନଙ୍କ ସୁବିଧା ନିମନ୍ତେ ଯୋଜନାକୁ ସରଳୀକୃତ କରିବା ସଙ୍ଗେ ସଙ୍ଗେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ସଂଖ୍ୟାକୁ ୬୨ରୁ ୯୨କୁ ବୃଦ୍ଧି କରିଛନ୍ତି । ଜମି ମାଲିକାନାରେ କୋହଳ ନୀତି ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏଥି ସହିତ କେଜ୍ କଲଚର, ମାଛଧରା ଟ୍ରଲର ଓ ବାୟୋଫ୍ଲକ ପଦ୍ଧତି ମାଛଚାଷକୁ ଏହି ଯୋଜନାରେ ସାମିଲ କରାଯାଇଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ମିଳିଥିବା ୪୨ କୋଟି ଟଙ୍କା ମଧ୍ୟରୁ ଅଦ୍ୟାବଧି ୩୦ କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇସାରିଲାଣି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବକେୟା ପ୍ରକଳ୍ପଗୁଡ଼ିକର ଶୀଘ୍ର ଋଣ ମଂଜୁରୀ ସହିତ ୨୦୨୧-୨୨ ବର୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ବ୍ୟାଙ୍କରମାନଙ୍କୁ ୫ ଶହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୨୦୦ କୋଟି ଟଙ୍କାର ଋଣ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଏଥି ମଧ୍ୟରେ ଜାତୀୟକରଣ ବ୍ୟବସାୟିକ ବ୍ୟାଙ୍କ ୩୨୪ଟି ପ୍ରକଳ୍ପ, ଘରୋଇ ବ୍ୟାଙ୍କ ନିମନ୍ତେ ୬୮ଟି ପ୍ରକଳ୍ପ ଏବଂ ଗ୍ରାମୀଣ ବ୍ୟାଙ୍କ ନିମନ୍ତେ ୪୨ଟି ଓ ସମବାୟ ବ୍ୟାଙ୍କ ନିମନ୍ତେ ୬୬ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ଅବସରରେ ମନ୍ତ୍ରୀ ଡ. ସାହୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବ୍ୟାଙ୍କମାନଙ୍କରୁ ଋଣ ପାଇବା ଦିଗରେ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ନିଆଳି, ବରଗଡ଼, ପାଇକମାଳ ଓ ଆଠମଲ୍ଲିକର ଉଦ୍ୟୋଗୀମାନଙ୍କ ସହ ଅନ୍‌ଲାଇନ୍ ମାଧ୍ୟମରେ କଥା ହୋଇଥିଲେ । ରିଜର୍ଭ ବ୍ୟାଙ୍କ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ କୌଣସି ବନ୍ଧକ ଜରୁରୀ ହୋଇନଥିବାବେଳେ ବ୍ୟାଙ୍କମାନେ ବନ୍ଧକ ନିମନ୍ତେ ସର୍ତ୍ତ ରଖିବା ଅଭିଯୋଗ ଆସୁଥିବା କଥା ମନ୍ତ୍ରୀ ଡ. ସାହୁ କହିବା ସହ କୃଷି ଏକ ସମୟଭିତିକ କାର୍ଯ୍ୟ ହୋଇଥିବାରୁ କୃଷି ଋଣ ମଂଜୁରୀ ଓ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କମାନଙ୍କର ବିଳମ୍ବ ଯୋଗୁଁ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ । ଏଥି ସହିତ ଅଧିକରୁ ଅଧିକ ନୂତନ ଚାଷୀମାନଙ୍କୁ କୃଷି ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ବଡଦାଣ୍ଡ ସଂକୁଚିତ ହେଉଛି

ବୌଦ୍ଧ,୧୧।୨ (ନି.ପ୍ର): ବୌଦ୍ଧଜିଲ୍ଲାରେ ଶ୍ରୀଜଗନ୍ନାଥ ସଂସ୍କୃତି ଭରପୁର ରହିଥିବାରୁ ଶତାଧିକ ମଂନ୍ଦିର ରହିଛି । ବୌଦ୍ଧ ସହର ମଧ୍ୟରେ ୪ଗୋଟି ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଇ ଆସୁଛନ୍ତି । ତିନିଗୋଟି ମନ୍ଦିରରେ ଅଦ୍ୟାବଧି ପୂଜା ପାଇ ଆସୁଥିବା ବେଳେ ଚନ୍ଦ୍ରଚୂଡ ରାସ୍ତାରେ ସରକାରୀ ଜମି ଉପରେ ଭକ୍ତମାନଙ୍କ ଠାରୁ ଅର୍ଥସଂଗ୍ରହ କରାଯାଇଥିବା ମନ୍ଦିରରୁ ଠାକୁର ନିଆଯାଇ ଉକ୍ତ ଗୃହକୁ ବିକ୍ରୟ କରିଥିବା ଜଣାପଡିଛି । ରାଜୁଡା ଶାସନ ସମୟରେ ରାଜା ଚନ୍ଦ୍ରଶେଖର ଦେବଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ରାଜା ଯୋଗୀନ୍ଦ୍ର ଦେବଙ୍କଦ୍ୱାରା ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ସହରର କେନ୍ଦ୍ର ସ୍ଥଳରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚନ୍ଦନ କାଠଦ୍ୱାରା ନିର୍ମିତ ଠାକୁର ପୂଜା ପାଉଛନ୍ତି । ମନ୍ଦିର ନାମରେ ରହିଥିବା ୧ ଶହ ୮ ଏକର ଜମି ମାର୍ଫଦଦାରମାନେ ନିଜ ଅକ୍ତିଆରକୁ ନେଇ ମନ୍ଦିରକୁ ଜମିରୁ ସଂଗୃହିତ ଚାଉଳ ପ୍ରଦାନ କରୁ ନ ଥିବା ଜଣାପଡିଛି । ଗତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିରର ଉନ୍ନତି ପାଇଁ ୧କୋଟିଟଙ୍କା ଅର୍ଥ ଅନୁମୋଦନ ହେବାପରେ ନିର୍ବାଚିତ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ମିଳିତ ଉଦ୍ୟମରେ ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ପ୍ରସ୍ତାବ ନିଆଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନହଲଠାରେ ଏକ ସାଧାରଣ ବୈଠକରେ ପ୍ରସ୍ତାବ ଅନୁମୋଦନ ହେବାପରେ କାର୍ଯ୍ୟ ଆରମ୍ଭ କରାଯାଇଛି । ମନ୍ଦିର ପରିସରରେ ରହିଥିବା ଭୂମିହୀନ ଜବରଦଳକାରୀଙ୍କୁ ସହର ମଧ୍ୟରେ ଥଇଥାନ କରାଯାଇ ଜବରଦଖଲକୁ ଉଚ୍ଛେଦ କରାଯାଇଛି । ମନ୍ଦିର ଭିତରେ ରହିଥିବା ପୁରୁଣା ମନ୍ଦିର, ମଣ୍ଡପ ଓ ରୋଷେଇଘରକୁ ଭଙ୍ଗାଯାଇ ନୂତନ ଗରହ ନିର୍ମାଣ କରାଯାଇଛି । ମନ୍ଦିର ପରିସର ବାହାରେ ମଧ ସୌନ୍ଦର୍ଯ୍ୟକରଣ କରାଯାଉଛି । ବୌଦ୍ଧର ମୁଖ୍ୟପର୍ବଭାବେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ଯେଉଁଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ସରକାରଙ୍କ ପକ୍ଷରୁ ମାଉସୀମା ମନ୍ଦିରକୁ ମଧ୍ୟ ନୂତନ ଭାବେ ନିର୍ମାଣ କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଉଇଛି । ବର୍ତ୍ତମାନ ମନ୍ଦିର ସାମନାରେ ପୂଜା ପାଉଥିବା ଶନି ମନ୍ଦିରକୁ ମନ୍ଦିର ଭିତରକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି ଓ ମନ୍ଦିର ସାମନାରେ ରହିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପତ୍ରମାଧ୍ୟମରେ ଜଣାଇ ଦିଆଯାଇଛି । ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡ ପର୍ଯ୍ୟନ୍ତ ରାସ୍ତା ଦିନକୁ ଦିନ ସଂକୁଚିତ ହେଉଥିବା ଦେଖିବାକୁ ମିଳୁଛି ।

# ଶୁଶିଳାଦେବୀ ପ୍ରଗତି ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ବିୟୋଗ

ଜଟଣୀ,୧୧।୨ (ନି.ପ୍ର): ଜଟଣୀ ବାଛରାପାଟଣାସ୍ଥିତ ଶୁଶିଳାଦେବୀ ପ୍ରଗତି ବିଦ୍ୟାପୀଠର ପ୍ରତିଷ୍ଠାତା ଦିବାକର ଦାସଙ୍କ ବିୟୋଗରେ ଏକ ଶୋକସଭା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ସମାଜସେବୀ ଦିବାକର ଦାସ ଜଟଣୀର ସର୍ବପୁରାତନ ବିଦ୍ୟାଳୟ ଶୁଶିଳାଦେବୀ ପ୍ରଗତି ବିଦ୍ୟାପିଠର ପ୍ରତିଷ୍ଠାତା ଥିବା ବେଳେ ଅନେକ ବିଦ୍ୟାଳୟ,ମନ୍ଦିର ଓ ଅନ୍ୟାନ୍ୟ ସମୁହ ଜନକଲ୍ୟାଣ ସେବାସଂଗଠିତ କାର୍ଯ୍ୟକରି ପ୍ରସଂଶନିୟ ହୋଇଥିଲେ । ଏଥି ସହିତ କଟକ ପ୍ରସିଦ୍ଧ ସୁଦାମଧୂଳିଗୁଣ୍ଡିର ମାଲିକ ମଧ ରହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖଟେଇ,ପ୍ରଧାନଶିକ୍ଷକ ଉଗ୍ରେସନ ରଣସିଂହ, ଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକ,,ନିବେଦିତା ସାସମଲ୍ଲ,ଗୋବିନ୍ଦ ଚନ୍ଦ୍ର ନାୟକ, ୟଲିଶ୍ରୀ ଟୁଡୁ, ରାଜୁଂଲତା ମହାରଣା,ବବିତା ବ୍ରହ୍ମା ଓ ଶାନ୍ତନା ପ୍ରଧାନ ପ୍ରମୁଖଙ୍କ ସହିତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶୋକସଭାର ଆୟୋଜନ ହୋଇଥିଲା ।

# ପେଟ୍ରୋଲ ପମ୍ପ, ମଲ ଓ ହୋଟେଲ ଉପରେ ଏନଫୋର୍ସମେଂଟ ଟିମ୍‌ର ଚଢାଉ

ବୌଦ୍ଧ,୧୧।୨ (ନି.ପ୍ର): ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ମିଳିତ ସ୍କ୍ୱାର୍ଡର ଏକ ଟିମ୍ ଚଢାଉ କରିଥିବା ଜଣାପଡିଛି । ଏହି ଟିମ ବୌଦ୍ଧଗଡ ଏନ୍‌ଏସିର ରାଜନପାଲି ଠାରେ ଥିବା ଜୟ ବଜରଙ୍ଗବଳୀ ପେଟ୍ରୋଲ ପମ୍ପ, ଦେବାଶିଷ ହୋଟେଲ ଏବଂ ରେଷ୍ଟୁରା୍, ବିଗ୍-ଭି ମଲରେ ଅତର୍କିତ ଭାବେ ଚଢାଉ କରିଥିଲେ । ଚଢାଉ ବେଳେ ଉପରୋକ୍ତ ତିନୋଟି ସ୍ଥାନରେ କେତେକ ଦୋଷତ୍ରୁଟି ସାମ୍ନାକୁ ଆସିଥିଲା । ଏହାକୁ ନେଇ ପେଟ୍ରୋଲ ପମ୍ପ ମାଲିକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବାବେଳେ ହୋଟେଲ ଦେବାଶିଷ ଠାରୁ ୭ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ଏବଂ ବିଗ-ଭି ମଲ ମାଲିକଙ୍କୁ ମଧ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ଏନଫୋର୍ସମେ ୍ଅଧିକାରୀ ପ୍ରକାଶ କରିଛନ୍ତି । ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ଯୋଗାଣ ଅଧିକାରୀ ବିଭୂ ପ୍ରସନ୍ନ ଆଚାର୍ଯ୍ୟ, ବୈଧ ପାମଓଜନ ଅଧିକାରୀ, ଅଗ୍ନିଶମ ଅଧିକାରୀ ରବିନ୍ଦ୍ର ପରିଡା, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୁଲିସ ଟିମ୍ ପ୍ରଥମେ ଜୟ ବଜରଙ୍ଗବଳୀ ପେଟ୍ରୋଲ ପମ୍ପରେ ମିଳିତ ଚଢଉରେ କରିଥିଲେ । ପେଟ୍ରୋଲ ଓ ଡିଜେଲର ଗୁଣବ । ଓ ପରିମାଣ ଯା କରିଥିଲେ । ଏଥିସହିତ ପେଟ୍ରୋଲ ପମ୍ପ ଗୁଡିକର ମୌଳିକ ସୁବିଧା ଉପଲବ୍ଧି ଦିଗରେ ଅବହେଳା ରହିଥିବା ଜଣାପଡିଥିଲା । ଗ୍ରାହାକମାନଙ୍କ ପାଇଁ ଉପଲବ୍ଧ ଟଏଲେଟ୍‌ର ସୁବିଧା ଆଶାଜନକ ନଥିବାବେଳେ ପିଇବାପାଣି ପାଇଁ ଆକ୍ୱାଗାର୍ଡ ସ୍ଥାପନ ହୋଇନଥିବା ଏବଂ ପ୍ରେସର ଚେକ୍-ଅପ୍ ପାଇଁ ଆବଶ୍ୟକ ମେସିନ୍ ରହିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ନଥିବା ଚଢଉ ଟିମ୍ ଦେଖିବାକୁ ପାଇଥିଲେ । ଆହୁରି ମଧ ରେକର୍ଡପତ୍ର ତଦାରଖ ଦିଗରେ ବ୍ୟତିକ୍ରମ ରହିଥିବାରୁ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଚଢଉ ଟିମ୍ ନିକଟରୁ ସୂଚନା ମିଳିଛି । ଏହାପରେ ଜାତୀୟ ରାଜପଥ କଡରେ ଅବସ୍ଥିତ ହୋଟେଲ ଦେବାଶିଷରେ ଏହି ଟିମ୍ ଚଢଉ କରିଥିଲା । ଖାଦ୍ୟର ଗୁଣବ । ଓ ଆବଶ୍ୟକ ଲାଇସେନ୍ସ ଯା କରାଯାଇଥିଲା । ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ବ୍ୟବହାର ପରିବର୍ ହୋଟେଲ ପକ୍ଷରୁ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସିଲିଣ୍ଡର ବ୍ୟବହାର କରାଯାଉଥିବା ଯା ବେଳେ ପଦାକୁ ଆସିଥିଲା । ଏନଫୋର୍ସମେ ୍ ଟିମ୍ ହୋଟେଲରେ ବ୍ୟବହୃତ ୭ଟି ସିଲିଣ୍ଡର ଜବତ କରିବା ସହ ୭ ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାଯାଇଛି । ସେହିପରି ଏବେ ଅଳ୍ପ କିଛିଦିନ ପୂର୍ବରୁ ରାଜନପାଲି ଛକରେ ଖୋଲିଥିବା ମଲ ବିଗ୍-ଭିରେ ମଧ ଚଢଉ କରାଯାଇଥିଲା । ମଲ ନିର୍ମାଣ କରି ବ୍ୟବସାୟ ଆରମ୍ଭ ହୋଇଥିଲେ ମଧ ଅଗ୍ନି ନିର୍ବାପକ ବ୍ୟବସ୍ଥା ହୋଇନଥିବା କିମ୍ବା ମଲ ତରଫରୁ ଫାୟାର ସେଫ୍ଟି ଜନିତ ଲାଇସେନ୍ସ ନଥିବା ସ୍ପଷ୍ଟ ହୋଇଥିଲା । ଏହାକୁ ନେଇ ମଲ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବାରୁ ବଡ ବଡ ଅଗ୍ନିକାଣ୍ଡ ଘଟୁଥିବା ନଜରକୁ ଆସୁଥିଲେ ମଧ ମଲ ମାଲିକ କିମ୍ବା ଅଧିକାରୀମାନେ ଏ ଦିଗରେ ତତ୍ପରତା ପ୍ରକାଶ କରୁନଥିବା ଜଣାଯାଇଛି ।

## ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୧।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସପକ୍ଷରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଅଧ୍ୟକ୍ଷତା କରିଥିଲେ । ପୁର୍ତ୍ତ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ପାନୀୟ ଜଳ ଯୋଗାଣ, ଜଳ ସମ୍ପଦ ବିଭାଗ, ଉଠା ଜଳ ସେଚନ, ଡ୍ରେନେଜ୍ ବିଭାଗ ପ୍ରଭୃତି ଯାନ୍ତ୍ରିକ ବିଭାଗ ଗୁଡିକର ନିର୍ମାଣାଧିନ ପ୍ରକଳ୍ପ ସଂପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହା ସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ଦେଖା ଦେଉଥିବା ଅବରୋଧ ଓ ଅଭାବ ସଂପର୍କରେ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ପରାଚି ବୁଝିଥିଲେ । ନିରୁପିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଗୁଡିକର କାର୍ଯ୍ୟ ସମାପ୍ତି କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇ ଥିଲା ।

## ତାଳବଣିଆ ଥାନା ଏଏସଆଇଙ୍କୁ ନିଲମ୍ବନ

ପୁରୀ,୧୧।୨ (ନି.ପ୍ର): କର୍ତବ୍ୟରେ ଅବହେଳା ଅଭିଯୋଗରେ ତାଳବଣିଆ ଥାନା ଏଏସଆଇ ଲକ୍ଷ୍ମଣ ସୋରେନଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ. ବିଶାଲ ସିଂହ । ପ୍ରାଥମିକ ତଦନ୍ତ ସ୍ୱରୂପ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# ଧାନମଣ୍ଡଳ ଫାଣ୍ଡି ପରିସର ପାଲଟିଛି ମିନି ଉଦ୍ୟାନ

ଧର୍ମଶାଳା,୧୧।୨ (ନି.ପ୍ର):ଯାଜପୁର ଜିଲା ବଡ଼ଚଣା ଥାନା ଅଧିନରେ ଥିବା ଧାନମଣ୍ଡଳ ପାଣ୍ଡି ପରିସର ଏବେ ପାଲଟିଛି ମିନି ପାର୍କ । ବାରୁଣାବନ୍ତ ପର୍ବତର ପ୍ରାକୃତିକ ଶୋଭା ଓ ପାଣ୍ଡି ପରିସରର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ପାଇଁ ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ ପାଣ୍ଡି ପରିସରରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି । ଏହି ଫାଣ୍ଡିଟି ବର୍ଷକ ତଳେ ପୁରୁଣା ଗୃହରୁ ନୂଆ ଗୃହ ପରିସରକୁ ଆସିଥିଲା । ୨୦୧୯ ମସିହାରୁ ଏଠାରେ ପାଣ୍ଡି ଅଧିକାରୀ ଭାବେ ରହିଥିବା ନନ୍ଦ କିଶୋର ଦାସ ଫାଣ୍ଡି ପରିସରରେ ବିଭିନ୍ନ ପ୍ରକାର ଫୁଲ ଗଛ ଲଗାଇବା ଆରମ୍ଭ କରିଥିଲେ । ମାତ୍ର ୬ ମାସରେ ଏବେ ଫାଣ୍ଡି ପରିସରରେ ନାନାଦି ଫୁଲ ଗଛ ଯଥା ଗେଣ୍ଡୁ, ଏନକା, ଡ଼ାଲିଆ, ସୂର୍ଯ୍ୟମୁଖି, ସେବତୀ, ଜିନିଆ, ଗ୍ଲାଡ଼ିଓ ଆଦି ଫୁଲର ସମ୍ଭାର ରହିଛି । ଅପରାଧି ଟିଏ ଏଠାକୁ ଆସିଲେ ସେ ଜଣେ ଭାବେ ଆସିଛି କି ସେ ମିନି ଉଦ୍ୟାନକୁ ବୁଲିବାକୁ ଆସିଛି, ସେ ନିଜେ ତାହା ଜାଣିପାରୁ ନାହିଁ । ପୋଲିସ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚାକିରିରେ ରହି ମଧ ଫାଣ୍ଡି ଅଧିକାରୀ ନିଜେ କାର୍ଯ୍ୟରୁ ଟିକେ ସମୟ ପାଇଲେ ନିଜେ ଓ ଫାଣ୍ଡିର ଅନ୍ୟ ଦୁଇଜଣ କର୍ମଚାରୀଙ୍କ ସହିତ ବଗିଚା କାମରେ ଲାଗିପଡ଼ନ୍ତି । ଗଛ ଲଗାଇବା ସହିତ ସେଥିରେ ପ୍ରାକୃତିକ ଉପାୟରେ ତିଆରି କରାଯାଇଥିବା ଗୋବର ଖତ ସବୁ ଗଛ ଗୁଡ଼ିକରେ ଦେଇଥାନ୍ତି । ରୋଗ ପୋକରୁ ରକ୍ଷା କରିବା ପାଇଁ ନିୟମିତ ଭାବେ ଗଛ ଗୁଡ଼ିକରେ ଔଷଧ ଛିଂଚି ଥାନ୍ତି । କର୍ମଚାରୀଙ୍କ ସହ ମିଶି ଦୁଇ ଓଳି ଗଛ ଗୁଡ଼ିକରେ ପାଣି ମଧ ଦେଇଥାନ୍ତି । ପ୍ରତିଦିନ ନିକଟସ୍ଥ ଅଂଚଳର ଯୁବକ ଯୁବତୀମାନେ ଏହି ମିନି ଉଦ୍ୟାମକୁ ଆସି ଦୁଇ ଘେରା ବୁଲିବା ସହିତ ନିଜ ନିଜର ସେଲଫି ନେଇଥାନ୍ତି । କେବଳ ଫୁଲ ଛଡ଼ା, ଫାଣ୍ଡି ପରିସରରେ ବିଭିନ୍ନ ପନିପରିବା ଚାଷ ମଧ ହୋଇଅଛି । ଯଥା-ବାଇଗଣ, କାକୁଡ଼ି, ଜହ୍ନି, ଭେଣ୍ଡି କର୍ମଚାରୀମାନେ ନିଜ ହାତରେ କରିଛନ୍ତି । ଯେଉଁ ଜାଗାକୁ ସାଧାରଣ ଲୋକମାନେ ଆସିବାକୁ ଡ଼ରିଥାନ୍ତି, ସେହି ସ୍ଥାନକୁ ଏବେ ପ୍ରକୃତି ଓ ପରିବେଶ ପ୍ରେମୀଙ୍କ ସୁଅ ଛୁଟୁଛି । ବ୍ୟସ୍ତ ବହୁଳ ଜୀବନରୁ କିଛି ସମୟ ବାହାର କରି ଫାଣ୍ଡି ପରିସରରେ ଥିବା ଫୁଲ ଓ ପରିବା ଉଦ୍ୟାନ ଆଡ଼େ ବୁଲି ଆସିଲେ ମନ ପ୍ରଫୁଲ ରହେ ବୋଲି ନିକଟସ୍ଥ ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ନିଜର ଅବସର ସମୟରେ ନିଜର କର୍ମସ୍ଥଳ ଓ ବାଡ଼ି ବଗିଚାରେ ଏପରି ଫୁଲ ଓ ପରିବା ବଗିଚା କରିବା ଉଚିତ୍ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ଦାସ ସାଧାରଣ ଜନତାଙ୍କୁ ଉପଦେଶ ଦେଉଛନ୍ତି ।

# ଜିଲ୍ଲାରେ ଖତ ଖାଉଛି ୨୨ କୋଟି ଟଙ୍କାର କମ୍ପ୍ୟୁଟର: ନାହାଁନ୍ତି ଶିକ୍ଷକ

କେନ୍ଦ୍ରାପଡ଼ା,୧୧।୨ (ନି.ପ୍ର): ବିଦ୍ୟାଳୟ ମାନଙ୍କରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ନ୍ୟତନ ପିଢି ଛାତ୍ରଛାତ୍ରୀ ମାନଙ୍କୁ ଅନଲାଇନ ବ୍ୟବସ୍ଥା ସଂପର୍କରେ ପରିଚିତ କରାଇବା ପାଇଁ ରାଜ୍ୟ ସରକାର ପ୍ରତି ସ୍କୁଲକୁ ୨-୩ଟି କରି କମ୍ପ୍ୟୁଟର ଦେବା ସହ ଜିଲ୍ଲାରେ ୨୦୩ ଜଣ କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତ କରିଥିଲେ । ଏମାନଙ୍କୁ ଶିକ୍ଷା ବିଭାଗ ସିଧା ସଳଖ ନିଯୁକ୍ତି ନଦେଇ ଏଜେନସି ମାଧ୍ୟମରେ ୨୦୧୫ ମସିହାରୁ ନିଯୁକ୍ତି ଦେଇଥିଲା । ୨୦୧୭ ଜୁଲାଇ ପର୍ଯ୍ୟନ୍ତ ଏହି ଶିକ୍ଷକ ମାନେ ଦୀର୍ଘ ୫ବର୍ଷ ଧରି ଜିଲ୍ଲାର ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ସହ କର୍ମଚାରୀଙ୍କ ଦରମା ବିଲ୍, ବିଭାଗ ସହିତ ପତ୍ରାଳାପ ର ଡିଟିପି, ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଏକତ୍ରିକରଣ, ପ୍ରେରଣ ଆଦି ଯାବତୀୟ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ କରି ଆସୁଥିଲେ । ନିଯୁକ୍ତି ଦାତା ଏଜେନସି ୨୦୧୯ ଜୁଲାଇ ରୁ ଏହି ୨୦୩ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିଯୁକ୍ତିକୁ ନବୀକରଣ କରି ନଥିବାରୁ ସ୍କୁଲ ଗୁଡିକରେ କମ୍ପ୍ୟୁଟର ଅଚଳ ହୋଇ ପଡି ରହିବା ସହ ଛାତ୍ରଛାତ୍ରୀ ମାନେ ଶିକ୍ଷା ଗ୍ରହଣ ରୁ ବଂଚିତ ରହିଛନ୍ତି । ଏନେଇ କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବୁଧବାର ଏକ ସ୍ମାରକ ପତ୍ର ଦିଆଯାଇ ଶିକ୍ଷକ ମାନଙ୍କୁ ପୁନଃ ନିଯୁକ୍ତି ପାଇଁ ଦାବି ଉପସ୍ଥାପନ କରାଯାଇଛି । ସଂଘ ପକ୍ଷରୁ ସଭାପତି ଦେବପ୍ରିୟ ମହାନ୍ତି, ସଂପାଦକ ଅନିରୁଦ୍ଧ ଗିରି, ଦିଲିପ ମିଶ୍ର, କୃଷ୍ଣଚନ୍ଦ୍ର ଘଡାଇ, ପ୍ରଦ୍ୟୁମ୍ନ କୁମାର ଗିରି, ଅଜିତ୍ ମହାନ୍ତି, ସରିତା ନାୟକ ପ୍ରମୁଖ ଦାବି କରିଛନ୍ତି ।

# ଶ୍ରୀ ଜଗନ୍ନାଥଙ୍କ ଜମିର ମାଲିକାନା ପରିବର୍ତ୍ତନ ପ୍ରସଙ୍ଗ ନେଇ ନାଗରିକ କମିଟିର ଖବରଦାତା ସମ୍ମିଳନୀ

ଜଟଣୀ,୧୧।୨ (ନି.ପ୍ର): ଜଟଣୀବାସୀଙ୍କ ସମସ୍ୟାକୁ କ୍ଷମତାସିନ ସରକାର ଅହେତୁକମନୋଭାବରେ ଅଣଦେଖା କରିଚାଲିଛନ୍ତି । ଜନସାଧାରଣମାନଙ୍କ ଜମିକୁ କେଉଁ ଆଧାରରେ ଶ୍ରୀଜଗନ୍ନାଥ ମହାପୁରୁଙ୍କ ନାମରେ ନାମିତ ହେଲା । ତାହା କିପରି ଶାସକଦଳ ଜାଣିପାରିନଥିଲା । ତେଣୁ ଏସବୁ ଛାଡି ଲୋକମାନଙ୍କର ତଥା ୧୧ଟି ମୌଜାର ଲୋକମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ନିଜର ଶ୍ରେୟନେବା ଚିନ୍ତାଛାଡି ଲୋକମାନଙ୍କର ଶ୍ରେୟନେବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି ସ୍ଥାନୀୟ କଲେଜରୋଡରେ ଥିବା ଏକ ଅସ୍ଥାୟୀଗୃହରେ ଜଟଣୀନାଗରୀକ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିଥୀମାନେ ମତବ୍ୟକ୍ତ କରିଛନ୍ତି । ଜଟଣୀ ନାଗରୀକ କମିଟିର ସମ୍ପାଦକ ଜିତେନ୍ଦ୍ରୀୟ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ମଚାଂଧୀନ ଅତିଥୀମାନେ ସେମାନଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବିଧାୟକ ହେବା ପୁର୍ବରୁ ଜଟଣୀବାସୀଙ୍କୁ ଜଟଣୀର ଫ୍ଲାଏଓଭର ବ୍ରିଜ,ଜଗନ୍ନାଥ ଜମି ଏବଂ ଟାଉନଖାସମାହାଲ ଜମିର ପଟ୍ଟା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ଯାହାକୁ ଆଜି କାର୍ଯ୍ୟରେ ଦେଖାଇବାକୁ ଯାଉଛନ୍ତି । ତେଣୁ ଏଠାରେ ମାନ୍ୟବର ଜଟଣୀବିଧାୟକ ଶ୍ରେୟନେବା ଯଥାର୍ଥ ବୋଲି କୁହାଯାଇଛି । ଜଟଣୀବାସୀମାନେ ବିଜେଡି ଦଳକୁ ବର୍ଷବର୍ଷରୁ ଲୋକପ୍ରତିନିଧୀ ହେବାର ସୁଯୋଗ ଦେଇଥିଲେ । ମାତ୍ର ସେମାନଙ୍କର ଇଛାଶକ୍ତି ଅଭାବରୁ ଏହି ଦଳ ରାଜ୍ୟ ଶାସନରେ ରହିମଧ ଜଟଣୀଟାଉନ ଖାସମାହାଲ ଜମିରେ ରହିଆସୁଥିବା ଅଧିବାସୀମାନଙ୍କୁ ପ୍ରାୟ ୫୦ବର୍ଷରୁ ୭୦୦ଲିଜ ପଟ୍ଟା ପ୍ରଦାନ କରିପାରିଲେ ନାହିଁ, ୨୦୧୩ ମସିହାଠାରୁ ଜଗନ୍ନାଥ ଜମିର ମାଲିକାନା ସ୍ୱତ୍ୱ ପ୍ରସଙ୍ଗକୁ ସମାଧାନ କରିପାରିଲେ ନାହିଁ । ସେହିପରି ଜଟଣୀର ଫ୍ଲାଏଓଭରବ୍ରିଜ ନିର୍ମାଣ ମଧ ୫୦ବର୍ଷର ଅଭିଯୋଗକୁ ସମାଧାନ କରିବାରେ ଅହେତୁକ ମନୋଭାବ ମଧ୍ୟରେ ବିଳମ୍ବ କରିଥିଲେ । ମାତ୍ର ପୁର୍ବରୁ ପ୍ରତିଶୃତି ଦେଇଥିବା କଂଗ୍ରେସଦଳ ଏହାକୁ କାର୍ଯ୍ୟକାରୀ କରିବ । ଏଥିରେ ଦ୍ୱିମତ ନାହିଁ । ତେଣୁ ଏସବୁର ବିଳମ୍ବକୁ ଦୃଷ୍ଟି ନଦେଇ ଶ୍ରେୟ ନେବାକୁ ଦୌଡ ଲଗାଇଛନ୍ତି ରାଜନୈତିକ ଦଳର ନେତାମାନେ । ତେବେ ଜଟଣୀରେ ଯାହାକିଛି ହୋଇଛି ସେଥିରେ ମାନ୍ୟବର ବିଧାୟକ ବିଧାନସଭାରେ ଉପସ୍ଥାପନ କରିବାପରେ ମାନ୍ୟବର ମୂଖ୍ୟମନ୍ତ୍ରୀ ଓ ୫ଟି ସଚିବ ପ୍ରଭୃତି କାର୍ଯ୍ୟକାରୀ କରିଚାଲିଛନ୍ତି । ଏଥିରେ ମଧ ରାଜ୍ୟସରକାରଙ୍କ ଦୃଢଇଚ୍ଛା ଶକ୍ତି ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରିବ । ଯଦି ଚଳିତ ମାସ ୨୦ ତାରିଖସୁଧା ଲୋକମାନଙ୍କର ଜମିମାଲିକାନା ନଫେରେ ତେବେ ଆସନ୍ତା ୧ ତାରିଖରେ ପୁଣି ଆନ୍ଦୋଳନ କରାଯିବ ।

# ମେଡିକାଲ କଲେଜ ସ୍ଥାପନା ଦାବିରେ ଜିଲ୍ଲା କାର୍ଯ୍ୟାଳୟ ଘେରିଲା କଂଗ୍ରେସ

କେନ୍ଦ୍ରାପଡ଼ା,୧୧।୨ (ନି.ପ୍ର): ଜାତୀୟ କଂଗ୍ରେସର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସଂଗଠନ ପକ୍ଷରୁ ଏକ ବିଶାଳ ଘେରାଉ କାର୍ଯ୍ୟକ୍ରମ କେନ୍ଦ୍ରାପଡାରେ ଅନୁଷ୍ଠିତ ହୋଇଯାଇଛି କ୍ନେନ୍ଦ୍ରାପଡାରେ ମେଡିକାଲ କଲେଜ ସ୍ଥାପନ ଦାବି ନେପ୍ଥାଟି ପାଇଁ ପାଟି ଖୋଲ ନାରା ଦେଇ ଶହ ଶହ କଂଗ୍ରେସ କର୍ମୀ ଦୁହୁରିଆ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ ବିଧାୟକ ସୁର ରାଉତରାୟଙ୍କୁପାଛୋଟି ନେଇ ଶୋଭାଯାତ୍ରରେ ସହର ପରିକ୍ରମା କରିଥିଲେ । ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସବାରେ ଜିଲ୍ଲା ପ୍ରତି ଅବିଚାର ର ତିବ୍ର ସମାଲୋଚନା କରିବା ସହ ୨୧ବର୍ଷର ନବୀନ ସରକାର ଜିଲ୍ଲା ପ୍ରତି ଆଦୌ ଦୃଷ୍ଟି ଦେଇନାହିଁ ବୋଲି ଅଭିଯୋଗ କରିଥିଲେ । ପଡୋଶୀ ଜିଲ୍ଲା ମାନଙ୍କର ପ୍ରଭାବଶାଳୀ ପ୍ରତିନିଧି ମାନେ ମେଡିକାଲ କଲେଜ ସ୍ଥାପନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଜିଲ୍ଲାର ଅଯୋଗ୍ୟ ଲୋକ ପ୍ରତିନିଧି ମାନେ ପାଟି ଖୋଲିବାକୁ ଉଚିତ୍ ମନେକରୁ ନାହାଁନ୍ତି । ପ୍ରାୟ ୧୫ ଲକ୍ଷ ଜନ ସଂଖ୍ୟା ଥିବାବେଳେ ୩ ଲକ୍ଷ ୯ ହଜାର ୭୮୦ ହରିଜନ ଓ ୯ ହଜାର ୪୮୪ ଆଦିବାସୀ ଲୋକ ବାସ କରୁଛନ୍ତି । ୭୦ଭାଗ ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ରାଜପଥ ରେଳପଥ ଜନିତ ସଡକ ଦୁର୍ଘଟନା ପିଡିତ ମାନଙ୍କ ପାଇଁ ଅଶୁ ଉନ୍ନତ ଧରଣର ଚିକିତ୍ସା ଉପଲବ୍ଧ କରାଇବା ସରକାର ଉଚିତ୍ ମନେକରି ନାହାଁନ୍ତି । ଅପାରଗ ସ୍ଥାନୀୟ ନେତୃତ୍ୱ ଓ ନବୀନ ବାବୁଙ୍କ ଫମ୍ପା ପ୍ରତିଶୃତି ବିପକ୍ଷରେ ପାଟି ଖୋଲିବା ପାଇଁ କଂଗ୍ରେସର ବରିଷ୍ଠ ନେତାମାନେ ଆହ୍ୱାନ ଦେଇଥିଲେ । ଏହା ସହିତ ବରିଷ୍ଠ ବିଧାୟକ ସୁର ରାଉତରାୟଙ୍କ ଶାଣିତ ବ୍ୟଙ୍ଗ ବିଦ୍ରୁପାତ୍ମକ ଭାଷଣ ସରକାରଙ୍କ ଅପାରଗତା କୁ ପଦାରେ ପକାଇ ଦେଇଥିଲା । ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ନେତା ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ବରିଷ୍ଠ ଆଇନଜୀବି ଧରଣୀଧର ନାୟକ, ଜ୍ଞାନଦେବ ବେହୁରା, ବିଭ୍ରାଂଶୁ ଶେକର ଲେଙ୍କା, ଶିବ ପ୍ରସାଦ ବିଶ୍ୱାଳ, ଆକବର ଅଲ୍ଲୀ, ମୁକ୍ତାର ଖାନ, ଶରତ ବେଉରା, ସୌମେନ୍ଦ୍ର ପୃଷ୍ଟି, ପ୍ରଦ୍ୟୁମ୍ନ ଜେନା, ପ୍ରଭାତ କୁମାର ଉଡାନ ସିଂହ, ସମ୍ବିତ ଶ୍ରୀଚନ୍ଦନ, ମିର ମୁରସିଦ, କମଳାକାନ୍ତ ବେହେରା, ଆଶିଷ ମେକାପ ପ୍ରମୁଖ ବହୁ କଂଗ୍ରେସ ନେତା ବକ୍ତବ୍ୟ ରଖିଥିଲେ ।

# ସମ୍ବଳ ଓ ସମ୍ଭାବନା ଭିତ୍ତିରେ ନିଜ ଜିଲ୍ଲା ପାଇଁ ପ୍ରକଳ୍ପ ପ୍ରସ୍ତୁତ କର : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୧।୨ (ନି.ପ୍ର): ନିଜ ଜିଲ୍ଲାରେ ଜୀବିକା ନିର୍ବାହ ପନ୍ଥା ଏବଂ ଭିତିଭୂମି ବିକାଶକୁ ପରବର୍ତୀ ଉଚ୍ଚ ପର୍ଯ୍ୟାୟକୁ ନେବା ନମନ୍ତେ ସମ୍ବଳ ଓ ସମ୍ଭାବନା ଭିତିକ ଅଭିନବ ପ୍ରକଳ୍ପମାନ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରୁ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ରାଜ୍ୟର ଉତର, ଦକ୍ଷିଣ ଓ କେନ୍ଦ୍ରୀୟ ରାଜସ୍ୱ ଡିଭଜନ୍ ଜିଲ୍ଲାପାଳ ମାନଙ୍କ ସହ ୩ଟି ପର୍ଯ୍ୟାୟରେ ସିଧା ସଳଖ ଆଲୋଚନା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ବର୍ତମାନ ରାଜ୍ୟରେ ମୌଳିକ ଆବଶ୍ୟକତା ଭିତିକ ଯୋଜନା ଗୁଡ଼ିକ ବ୍ୟାପକ ଭାବେ ସଂପ୍ରସାରିତ ହୋଇଛି । ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ସଡ଼କ ଯୋଗାଯୋଗ, ବିଜୁଳି ସଂଯୋଗ, ପାନୀୟଜଳ, ଶିକ୍ଷା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ବିକାଶ ପ୍ରକ୍ରିୟାକୁ ପରବର୍ତୀ ଉନ୍ନୀତ ପର୍ଯ୍ୟାୟକୁ ନେବାର ସମୟ ଆସିଛି । ଅଭୁତପୂର୍ବ କୋଭିଡ୍-୧୯ ମହାମାରୀ ଯୋଗୁଁ ବିଗତ ୯ରୁ ୧୦ ମାସ ମଧ୍ୟରେ ଆର୍ଥିକ ପ୍ରଗତିର ବିଭିନ୍ନ ଦିଗ ଧିମେଇ ଯାଇଥିଲା । ଲକ୍‌ଡାଉନ୍ ପରବର୍ତୀ ସମୟରେ ସମସ୍ତ ଦିଗ ପୁଣି କର୍ମ ଚଂଚଳ ହୋଇଛି । ବିକାଶ ହାର ମଧ୍ୟ କୋଭିଡ୍ ପୂର୍ବବର୍ତୀ ସ୍ଥିତି ଆଡ଼କୁ ଗତିକରୁଛି । ଏହାକୁ ଅଧିକ ତ୍ୱରାନ୍ୱିତ କରି ନିରନ୍ତର ବିକାଶ ଜାରି ରଖିବା ପାଇଁ ବ୍ୟାପକ ପ୍ରୟାସ ହେବା ଦରକାର । ଏଥବ ନିମନ୍ତେ ପ୍ରତି ଜିଲ୍ଲାର କୃଷି-ଜଳବାୟୁ, ପ୍ରାକୃତିକ ସମ୍ପତି, ମାନବ ସମ୍ବଳ ଏବଂ ସୃଷ୍ଟି ହୋଇଥିବା ନୂତନ ସୁଯୋଗ ଆଦିକୁ ଭିତିକରି ଅଭିନବ ଜୀବିକା ନିର୍ବାହ ଏବଂ ଆର୍ଥିକ କାର୍ଯ୍ୟ କଳାପ ବୃଦ୍ଧି ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ସବୁ ଗ୍ରାମକୁ ସବୁଦିନିଆ ରାସ୍ତା, ଏକାଧିକ ଫସଲ ପାଇଁ ଜଳସେଚନ, ନିରନ୍ତ ଜୀବିକା ନିର୍ବାହ ପନ୍ଥା, ଅର୍ଥକାରୀ ଫସଲ ଚାଷ, କୃଷିଜାତ ଦ୍ରବ୍ୟର ବିପଣୀ, ଆୟ ବୃଦ୍ଧି, ପାଇପ୍ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଏବଂ ଆର୍ଥିକ କାର୍ଯ୍ୟକଳାପ ଅଭିବୃଦ୍ଧି ଆଦି କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ଗୁଡ଼ିକ ଚିହ୍ନଟ କରି ସେସବୁର ପରିପୂରଣ କରାଯିବା ଏକାନ୍ତ ଆବଶ୍ୟକ । ଏହି ପ୍ରକାର ପ୍ରକଳ୍ପକୁ ଅଗ୍ରାଧିକାର ଭିତରେ ଆରମ୍ଭ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମାନଙ୍କରେ ଚାଲିଥିବା ଭିତିଭୂମି ଉନ୍ନୟନ ପ୍ରକଳ୍ପ ଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରି ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଜଙ୍ଗଲ ଅନୁମତି, ପରିବେଶ ଅନୁମତି, ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ପ୍ରଦାନ, ଜମି ଅଧିଗ୍ରହଣ ଆଦି ନିମନ୍ତେ ଆଗୁଆ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଭିତିଭୂମି ଉନ୍ନୟନ କାର୍ଯ୍ୟ ସମୀକ୍ଷାବେଳେ ଉଭୟ ସରକାରୀ ଏବଂ ଘରୋଇ ପୁଂଜିନିବେଶରେ ଦେଉଥିବା ପ୍ରକଳ୍ପ ଗୁଡ଼ିକୁ ବିଚାରକୁ ନେବାପାଇଁ ସେ କହିଥିଲେ । ବାସ୍ତବ ଓ ବସ୍ତୁବିଷ୍ଟ ତଥ୍ୟ ଭିତରେ ନୂତନ ପ୍ରକଳ୍ପ ପ୍ରସ୍ତୁତି କରିବାକୁ ମଧ୍ୟ ଶ୍ରୀ ଜେନା ପରାମର୍ଶ ଦେଇଥିଲେ । ପ୍ରକଳ୍ପ ଗୁଡ଼ିକର ଫଳାପଳ ମୂଲ୍ୟାୟନ ପାଇଁ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା କହିଥିଲେ ଯେ, କୃଷି, ପଶୁପାଳନ, ମତ୍ସ୍ୟଚାଷ ଆଦି ମୌଳିକ ଉତ୍ପାଦନ କ୍ଷେତ୍ର ଗ୍ରାମାଂଚଳରେ ଜୀବକା ନିର୍ବାହର ମୁଖ୍ୟ ଆଧାର । ଏହି କ୍ଷେତ୍ରରେ ଅଭିନବ ପ୍ରକଳ୍ପ ଏବଂ ପୁଂଜି ନିବେଶର ଲାଭ ସିଧା ସଳଖ କୃଷକ, କୃଷି ଶ୍ରମିକ ଏବଂ ଜନସାଧାରଙ୍କୁ ମିଳିଥାଏ । ତେଣୁ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦ ବିପଣୀ ନିମନ୍ତେ ଶୃଙ୍ଖଳ-ଭିତିକ ସମନ୍ୱିତ ପ୍ରକଳ୍ପମାନ ପ୍ରସ୍ତୁତ କରିବାକୁ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଥିଲେ ।

## ଆସନ୍ତା ୧୫ତାରିଖ କଂଗ୍ରେସ ପକ୍ଷରୁ ଓଡିଶା ବନ୍ଦ ଡାକରାପାଇଁ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୧୧/୨ (ନିପ୍ର) : ଆସନ୍ତା ଫେବୃଆରୀ ୧୫ ତାରିଖ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ କମାଇବା ଲାଗି ଓଡିଶା ବନ୍ଦ ଡାକରା କଂଗ୍ରେସ ପକ୍ଷରୁ ଦିଆଯାଇଛି । ଏହି ଡାକରାକୁ ସଫଳ କରିବାଲାଗି ଆଜି ଜଳେଶ୍ୱର ପୂର୍ତ୍ତବିଭାଗ ଡାକବଂଗଳାରେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କଂଗ୍ରେସ ଟାଉନ୍ ସଭାପତି ଗିରିଜା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସତ୍ୟସୁନ୍ଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହେମନ୍ତ ଗିରି, ସୁକୁମାର ଘୋଷ, ରାଜିବ ପରିଡା, ଜୟନ୍ତି ଦେ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିଆପାଳ ଉର୍ଦ୍ଦୁ ସ୍କୁଲ ମିଶ୍ରଣକୁ ବିରୋଧ

# ବି.ଇ.ଓ. ଅଫିସ ଘେରାଓ କଲେ ବସ୍ତି ବାସିନ୍ଦା



ବାଲିଆପାଳ,୧୧।୦୨ (ନି.ପ୍ର): ବାଲିଆପାଳ ଉର୍ଦ୍ଦୁ ସ୍କୁଲ ମିଶ୍ରଣକୁ ବିରୋଧ କରି ଆଜି ଉକ୍ତ ସ୍କୁଲର ଛାତ୍ର ଛାତ୍ରୀଙ୍କ ସମେତ ସ୍ଥାନୀୟ ସଂଖ୍ୟା ଲଘୁ ବସ୍ତିର ଲୋକ ମାନେ ବି.ଇ.ଓଙ୍କ ଅଁିସ ଘେରାଉ କରିବା ସହ ଧାରଣାରେ ବସିଥିଲେ । ସଂଖ୍ୟା ଲଘୁ ଲୋକଙ୍କ କହିବା ଅନୁସାରେ ୧୯୮୮ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଅନ୍ୟ ବିଷୟ ସହିତ ଉର୍ଦ୍ଦୁ ଭାଷା ବିଷୟରେ ମଧ୍ୟ ଶିକ୍ଷାଦାନ ଦିଆଯାଇଥାଏ । ବାଲିଆପାଳ ବ୍ଲକର ଏହା ଏକମାତ୍ର ଉର୍ଦ୍ଦୁ ବିଦ୍ୟାଳୟ ଅଟେ । ତେବେ ଆବଶ୍ୟକ ସଂଖ୍ୟକ ପିଲା ନଥିବା ଦର୍ଶାଇ ଏ ବିଦ୍ୟାଳୟକୁ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି । ଫଳରେ ଏଠାରୁ ଉର୍ଦ୍ଦୁ ଭାଷାରେ ଶିକ୍ଷା ନେଉଥିବା ଏଥିରୁ ବଂଚିତ ହେବେ ବୋଲି ସଂଖ୍ୟାଲଘୁ ଲୋକମାନେ ଅଭିଯୋଗ କରିଛନ୍ତି ।ଆଜିର ଏହି ଧାରଣାରେ ତାଜୁ ଖାଁ, ସେକ ରେହେମାନ,ସେକ କାଲ, ସେକ ଦାଦୁ, ସେକ ସକ, ଏସକେ ଟମ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହାକୁ ପ୍ରତ୍ୟାହହାର କରିବା ପାଇଁ ବ୍ଲକଶିକ୍ଷା ଅଧରକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏସଂମ୍ପର୍କରେ ବାଲିଆପାଳ ବି.ଇ.ଓ ନାରାୟଣ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ କହିଥିଲେ ଯେ ସରକାରଙ୍କ ନିଷ୍ପତି ଅନୁଯାୟୀ ଅବଶ୍ୟକ ସଂଖ୍ୟକ ପିଲା ନଥିବାରୁ ଏହି ସ୍କୁଲକୁ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରିତ କରାଯାଇଛି । ତେବେ ଉର୍ଦ୍ଦୁ ଭାଷାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ମାନେ ମଧ୍ୟ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟରେ ସେହି ଶିକ୍ଷା ଗ୍ରହଣର ସୁଯୋଗ ପାଇ ପାରିବେ ବୋଲି ସେ କହିଥିଲେ ।

## କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ୟୁଥ ରେଡକ୍ରସ ଶିବିର




ବାଲିଆପାଳ,୧୧।୦୨ (ନି.ପ୍ର): ବାଲିଆପାଳ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ୟୁଥ ରେଡକ୍ରସ ତରଫରୁ ମଣ୍ଡଳସ୍ତରୀୟ ତ୍ରିଦିବସୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏହି ଶିବିରରେ ଜଗାଇ ସମେତେ ନାବରା ଓ ଲକ୍ଷ୍ମୀନାରାୟଣ ମହିଳା ମହହାର୍ବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଷଣ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷା ହରପ୍ରିୟା ଦାସ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥିଭାବରେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବାଶିଷ ଦାସ ଯୋଗଦେଇ ରେଡକ୍ରସ ପତକା । ଉତ୍ତୋଳନ କରି ଶିବିରକୁ ଉଦଘାଟନ କରି ଏଚଆଇଭି ବିଷୟରେ ଶିକ୍ଷାଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ବାଲେଶ୍ୱର ମୟୂରଭଞ୍ଜ ଜିଲ୍ଲାର ଓାଇ.ଆର.ସି ସଂଯୋଜକ ସୁଧୀର କୁମାାର ମୁଦୁଲି, ଡା .ଦିଲ୍ଲୀପ କୁମାର ଭୂଇ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ରକ୍ତଦାନର ମହତ୍ୱ ଏବଂ ପ୍ରାକୃତିକ ଦୁର୍ବିପାକ ପରିଚାଳନା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଉଦଯାପନୀ ଦିବସରେ ମୟୁରଭଞ୍ଜୀ ଜିଲ୍ଲାର ଗୋଷ୍ଠିଶିକ୍ଷାଅଧିକାରୀ ସତ୍ୟନାରାୟଣ ଦାସ ଯୋଗଦେଇ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିବା ସହ ପତାକା ଅବନମିତ କରି ଶିବିରକୁ ଉଦଯାପିତ କରିଥିଲେ ।କଲେଜର ପ୍ରାଧାପକ ବିଶ୍ୱମ୍ଭର ଜେନେ, ଅଧାପକ ପ୍ରଭାତ କୁମାର ଜେନା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ମୋତେ ଭୁବନେଶ୍ୱର ମିସ କରୁଛି ଜାଣି ଖୁସି ଲାଗୁଛି : ଅପରାଜିତା

ଭୁବନେଶ୍ୱର,୧୧।୦୨ (ନି.ପ୍ର): ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀମତୀ ଅପରାଜିତା ଷଡଙ୍ଗୀ ନିଖୋଜ ହେବା ନେଇ ପୋଷ୍ଟର ଲାଗିଲା ପରେ ଏହା ଉପରେ ଟ୍ୱିଟ କରି ସେ ପ୍ରତିକ୍ରିୟା ଦେଇଛନ୍ତି । ତାଙ୍କୁ ଭୁବନେଶ୍ୱର ମିସ କରୁଛି ଜାଣି ଖୁସି ଲାଗୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ତାଙ୍କ ସମ୍ପର୍କରେ ପୋଷ୍ଟର ଲାଗିଥିବା ଜାଣି ସେ ଖୁସୀ । ବର୍ତମାନ ସେ ସଂସଦର ବଜେଟ ଅଧିବେଶନରେ ଭାଗ ନେଉଛନ୍ତି । ଲୋକସଭାରେ ରହିବା ତାଙ୍କର କର୍ତବ୍ୟ । ତାଙ୍କୁ ଭୁବନେଶ୍ୱର ମିସ କରୁଛି ଜାଣି ଖୁସି ଲାଗୁଛି ବୋଲି ସେ କହିଛନ୍ତି । ଫେବୃଆରୀ ୧୫ ତାରିଖ ପରେ ସେ ଲୋକ ମାନଙ୍କ ମଧ୍ୟରେ ପୁଣି ରହିବେ ବୋଲି କହିଛନ୍ତି ।

## ରପେୟାରେ ରୁଦ୍ରାଭିଷେକ ମହାଯଜ୍ଞ

ଖଇରା,୧୧।୦୨: (ନିପ୍ର) ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ରପେୟା ପଞ୍ଚାୟତରେ ମା ପରମବୈଷ୍ଣବୀ ଦେବୀଙ୍କ ପୀଠରେ ତିନିଦିନ ଧରି ମହାଆଡମ୍ବରରେ ରୁଦ୍ରାଭିଷେକ ମହା ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ରପେୟା ଗାଁ ମଠ ପୋଖରୀରୁ ପୁରୁଷ ସମେତ ମହିଳା ଭକ୍ତମାନେ କଳସ ବୁଡାଇ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିବା ସହିତ ଯଜ୍ଞ ମଣ୍ଡପରେ ପହଞ୍ଚି ଘଟ ସ୍ଥାପନ କରିଥିଲେ । ପଣ୍ଡିତମାନଙ୍କ ଦ୍ୱାରା ଚଣ୍ଡିପାଠ ନାମ ଯଜ୍ଞ କରାଯାଇଥିବାବେଳେ ପରମ ବୈଷ୍ଣବୀ ଦେବୀଙ୍କ ପୀଠ ଚଳଚଞ୍ଚଳରେ ଏକ ଅଧାତ୍ମୀକ ପରିବେଶ ସୃଷ୍ଟି ହୋଇଥିଲା ଗାଁ ଲୋକମାନେ ତିନିଦିନ ଧରି ଆମିଷ ବର୍ଜନ କରିବା ସହ ଅରୁଆ ଭୋଜନ ଖାଇ ବ୍ରତ ପାଳି ଯଜ୍ଞ ସମାପନ କରିଥାନ୍ତି । ରପେୟା ଗାଁରେ ଦଶବର୍ଷ ପୂର୍ବେ ଏକ ଅଗ୍ନିକାଣ୍ଡ ଘଟି ବହୁ ଧନ ସମ୍ପତି ନଷ୍ଟ ହୋଇଯାଇଥିବାରୁ ସାଧୁସନ୍ତଙ୍କ ପରାମର୍ଶ କ୍ରମେ ରୁଦ୍ରାଭିଷେକ ମହାଯଜ୍ଞ କରାଯିବା ସହ ଗାଁ ଲୋକମାନେ ଅଗ୍ନିକାଣ୍ଡରୁ ରକ୍ଷା ପାଇଥିବାର ବିଶ୍ୱାଶ ରହିଛି । ତେଣୁ ପ୍ରତିବର୍ଷ ତିନିଦିନ ଧରି ମହାଆଡମ୍ବର ସହକାରେ ରୁଦ୍ରାଭିଷେକ ମହାଯଜ୍ଞ କରାଯିବା ସହିତ ଯଜ୍ଞ କୁଣ୍ଡରେ ନଡିଆ ଫଳମୁଳ ପକାଇ ମାନସିକ ମନାସିଥାନ୍ତି ।

## ଟିଉସନ ଦିଦିକୁ ନେଇ ଛାତ୍ରର ବାପା ଫେରାର

ଖଇରା,୧୧।୦୨: (ନିପ୍ର) ଖଇରା ଥାନା ମାଖନପୁର ପଞ୍ଚାୟତ ତରାଙ୍ଗ ଗ୍ରାମରେ ଟିଉସନ ଦିଦିକୁ ନେଇ ଛାତ୍ରର ବାପା ଫେରାର ଘଟଣା ଖଇରା ଥାନାରେ ନାବାଳିକାର ମା ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ତରାଙ୍ଗ ଗ୍ରାମର ଜୈନିକ ନାବାଳିକା ବଳରାମ ବାରିକଙ୍କ ପୁଅକୁ ସବୁଦିନ ଭଳି ଟିଉସନ କରିବାକୁ ଯାଆନ୍ତି । ଟିଉସନ ସାରିବା ପରେ ଘରକୁ ନଆସିବାରୁ ମା ସାଇପଡିଶା ବା ବନ୍ଧୁବାନ୍ଧବ ଘରକୁ ଯାଇଛି ବୋଲି ଭାବି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜି ନଥିଲେ । ସନ୍ଧ୍ୟା ପୂର୍ବରୁ ଘରକୁ ନଫେରିବାରୁ ମା ମନରେ ଆଶଙ୍କା ଉପୁଜିଥିଲା । ଗାଁରେ ପଚାରିବାରୁ ଗ୍ରାମ ଲୋକ ପ୍ରକାଶ କରିଥିଲେ ବଳରାମ ବାରିକଙ୍କ ସହିତ ଗାଡିରେ ବସି ଯାଇଥିବାର ଲୋକ ଦେଖିଛନ୍ତି । ନା ବାଳିକା କନ୍ୟାକୁ ବଳରାମ ଜୋର ଜବରଦସ୍ତ କେଉଁଆଡେ ନେଇଯାଇଥିବାର ଜଣାଯାଉଛି । ପ୍ରକାଶ ଥାଉ କି ବଳରାମ ବିବାହିତ ଓ ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ପୁଅ ଅଛନ୍ତି ।

## ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ପାଳିତ



ବସ୍ତା,୧୧।୦୨ (ନି.ପ୍ର): ବସ୍ତା ବିଜେପି ଓ ଦରଡା ମଣ୍ଡଳ ତରଫରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମତିଥି ଅବସରରେ ସମର୍ପଣ ଦିବସ ହୋଟେଲ ଆହାର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଏହି ଦିବସରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ରଘୁନାଥ ମହାନ୍ତି, ଦରଡା ମଣ୍ଡଳ ସଭାପତି ବସନ୍ତ ବାରିକ୍, ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୂର୍ଯ୍ୟନାରାୟଣ ସାହୁ,ଜିଲ୍ଲା ସଂପାଦକ ଦେବାଶିଷ ମହାପାତ୍ର,ବିଜେପି ନେତା ପ୍ରଦୀପ କୁମାର ପଣ୍ଡା, ରାଧାଶ୍ୟାମ ମହାପାତ୍ର, କରୁଣାକର ପରିଡା, ଦୀଲ୍ଲିପ ପଣ୍ଡା, ମିଡିଆ ସେଲ୍ ପ୍ରମୁଖ ଇଂ. ଦିବାକର ରାଉତ, ବିନୟ କେତନ ଜେନା, ଉମାକାନ୍ତ ବେଜ,ଭବଶଙ୍କର ବେହେରା, ଦେବେନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ଦିନଦୟାଲ ଜୀଙ୍କ ଜୀବନି ଉପରେ ବକ୍ତୃତା ଦେଇଥିଲେ ।

## ହତ୍ୟା ଅଭିଯୁକ୍ତଙ୍କୁ ଖସାଇବାଲାଗି ପୁଲିସ୍‌କୁ ଆକ୍ରମଣ : ୨ ଗିରଫ

ଜଳେଶ୍ୱର, ୧୧/୨ (ନିପ୍ର) : ଏକ ହତ୍ୟା ଅଭିଯୋଗରେ ସଂପୃକ୍ତ ଜନୈକ ବ୍ୟକ୍ତି ଆମ୍ବଳିଅଠାରେ ଲୁଚି ରହିଥିବାର ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବାପରେ ଗୃହମାଲିକ ଅଭିଯୁକ୍ତଙ୍କୁ ଅନ୍ୟତ୍ର ପଳାଇଯିବାରେ ସଯୋଗ ସୃଷ୍ଟିକରିବା ଲାଗି ଅନ୍ୟଜଣଙ୍କ ସହାୟତାରେ ପୁଲିସ୍‌କୁ କାବୁ କରିଥିବାର ଅଭିଯୋଗ ହୋଇଛି । ଅଭିଯୁକ୍ତ ସେଠାରୁ ଖସି ଯିବାରୁ ପୁଲିସ୍ ସେମାନଙ୍କୁ ଗିରଫ କରିଛି । ଘଟଣାରୁ ପ୍ରକାଶ ବେଳି ଗୋପିନାଥପୁର ଗ୍ରାମର ରାକେଶ ମାନ୍ନା ନାମରେ ଏକ ମାମଲା ୧୦/୨୧ଥିବାରୁ ତାକୁ ଗିରଫ ଲାଗି ପୁଲିସ୍ ଖୋଜାଖୋଜି କରୁଥିବା ବେଳେ ଗତକାଲି ବୁଧବାର ରାତ୍ରୀରେ ସେ ଆମ୍ବଳିଅଠା ଛକ ନିକଟ ଏକ ଟାଇଲ ଦୋକାନରେ ବସିଥିବା ଖବର ପାଇଥିଲେ । କମର୍ଦ୍ଦା ଥାନା ଅନ୍ତୋରାଇ ଗ୍ରାମର ବିଜୟ ଦାସ ଓ ତାଙ୍କ ସମ୍ପର୍କୀୟ ହରିଶଂକର ଦାସ ଏହି ଟାଇଲ ଦୋକାନର ମାଲିକ ଅଟନ୍ତି । ଜଳେଶ୍ୱର ଥାନା ଏଏସ୍ଆଇ ନରେନ୍ଦ୍ର ନାଥ ସେଠୀ ଓ ଗ୍ରାମରକ୍ଷୀ ବିଶ୍ୱନାଥ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଦୋକାନ ମାଲିକ ରାକେଶ ମାନ୍ନାକୁ ସେଠାରୁ ଖସାଇବାଲାଗି ପୁଲିସ୍‌କୁ ଟାଇଲ୍ କୋଦାନ ମଧ୍ୟରେ ରଖି ସଟର ବନ୍ଦ କରିଦେଇଥିଲେ । ଖବର ପାଇ ଜଳେଶ୍ୱର ଥାନାରୁ ଫୋର୍ସ ଯାଇ ଦୁଇ ପୁଲିସ୍ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ଦୋକାନ ମାଲିକ ଦୁଇଜଣଙ୍କୁ ଗିରଫ କରିଥିବା ଜଣାଯାଇଛି ।

## ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଧାୟକ ବିଷ୍ଣୁ ସେଠୀଙ୍କ ବାସଭବନ ସମ୍ମୁଖରେ ପ୍ରତୀକ ଧାରଣା




ଭଦ୍ରକ,୧୧।୦୨ (ନି.ପ୍ର): ଭଦ୍ରକରେ ଏକ ସରକାରୀ ମେଡିକାଲ କଲେଜ ସ୍ଥାପନା ଦିଗରେ ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବକୁ ନେଇ ଆଜି ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବ ଘୋଷଣା ମତେ ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଭଦ୍ରକ କୁଆଁସସ୍ଥିତ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତୀକ ଧାରଣା ଦିଆଯାଇଛି । ଏବଂ ଯଥାଶୀଘ୍ର ସରକାର ଏହାର ପ୍ରତିଷ୍ଠା ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକଲେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୬ ନଂ ଜାତୀୟ ରାଜପଥ ଓ ରେଳଯାତ୍ରାକୁ ଦୀର୍ଘ ୩ ଦିନ ଧରି ଅଚଳ କରିଦିଆଯିବାର ଚେତାବନୀ ଦିଆଯାଇଛି । ଏହି ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ବଣ୍ଟନ କରାଯାଇଥିବା ସ୍ମାରକପତ୍ର ମୁଳେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳଧରି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ମାଧ୍ୟମରେ ଦାବି ଅବ୍ୟାହତ ରହିଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ଏହି ମାତ୍ର କିଛିବର୍ଷ ଭିତରେ ରାଜ୍ୟର ବିଭିନ୍ନ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇସାରିଥିଲେ ମଧ ଭଦ୍ରକ ସେଥିରୁ ବାଦ୍ ପଡିଛି । ଯାହାର କାରଣ ଜାଣିବା ପାଇଁ ଭଦ୍ରକବାସୀ ଅସମର୍ଥ । କେନ୍ଦ୍ର ସରକାରଙ୍କର ଗାଇଡ୍ ଲାଇନ୍ ଅନୁଯାୟୀ ସ୍ୱାସ୍ଥ୍ୟସେବା ଆବଶ୍ୟକ ଥିବା ଜିଲା ମୁଖ୍ୟ କାର୍ଯ୍ୟାଳୟରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିବ । ଏବଂ ଏଥିନିମନ୍ତେ କେନ୍ଦ୍ର ସରକାର ୬୦ ପ୍ରତିଶତ ଅଂଶଧନ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ (ଏଥିମଧରେ ଜମି ଓ ଭିତ୍ତିଭୂମି ଥାଇ ଯୋଗାଇଦେବେ) । ଏ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୨୦୨୦ ଫେବୃୟାରୀ ୧୭ ତାରିଖର ଏକ ପତ୍ରରେ ଭଦ୍ରକର ମେଡିକାଲ କଲେଜର ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରାଯାଇଥିଲା । "ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ" ଆଧାରରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ ଦେବାପାଇଁ ରାଜ୍ୟ ସରକାରଙ୍କୁ ଏହି ପତ୍ରରେ ଅନୁରୋଧ କରାଯାଇଥିଲା । ଏହି ପ୍ରସ୍ତାବ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ମାଧ୍ୟମରେ ଆବେଦନ କରିବା ପାଇଁ ମଧ ଅନୁରୋଧ କରାଯାଇଥିଲା । ପ୍ରସ୍ତାବିତ ମେଡିକାଲ କଲେଜର ୬୦ ପ୍ରତିଶତ ଅଂଶଧନ କେନ୍ଦ୍ର ସରକାର ବହନ କରିବେ ବୋଲି ଏହି ପତ୍ରରେ ଉଲ୍ଲେଖ ରହିଛି । ଏତଦ୍‌ଭିନ୍ନ ଭଦ୍ରକରେ ସ୍ୱାସ୍ଥ୍ୟସେବାର ଶୋଚନୀୟ ପରିସ୍ଥିତି ଏବଂ ଜନସଂଖ୍ୟା ଓ ରୋଗୀଙ୍କ ସଂଖ୍ୟା ଆଧାରରେ ମେଡିକାଲ କଲେଜର ଆବଶ୍ୟକତା ରହିଛି ବୋଲି ପ୍ରତ୍ୟେକ ଭଦ୍ରକବାସୀ ଅନୁଭବ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମହିଳାଙ୍କ ମୁଣ୍ଡବିହୀନ ଶବ ....

କଟାମୁଣ୍ଡର ବ୍ୟବଚ୍ଛେଦ କରାଯିବା ସହ ଡିଏନ୍ଏ ପ୍ରୋଫାଇଲିଂ ପାଇଁ ପଠାଯିବ ବୋଲି ଫୋରେନ୍ସିକ୍ ଟିମ୍ ତରଫରୁ ସୂଚନା ଦିଆଯାଇଛି । ଗୁରୁବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର୍ ସୁଧାଂଶୁ ଷଡ଼ଙ୍ଗୀ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଭୁବନେଶ୍ୱର ଧିରିକୁଟି ବସ୍ତିର ପୁଷ୍ପଲତା ରାଉଳ(୨୮) ସ୍ୱାମୀ ଶରତ ରାଉଳଙ୍କ ମୃତ୍ୟୁ ପରେ ଭରତପୁର ଅଂଚଳରେ ଏକ ଘର କରି ଅଙ୍ଗଦ ଦାସ ଓରଫ ସଂଜୟଙ୍କ ସହ କିଛି ଦିନ ରହିଥିଲେ । ପୂର୍ବରୁ ସଂଜୟ ତାଙ୍କ ଘରେ ଭଡାରେ ରହୁଥିବାରୁ ସେ ବହୁ ବର୍ଷରୁ ପରିଚିତ ଥିଲେ । ଏହାପରେ ପୁଷ୍ପଲତା ପ୍ରୀତିରଂଜନ ନାମକ ଭଦ୍ରକର ଜଣେ ଯୁବକଙ୍କୁ ଆମୋଫୋଇରେ ବିବାହ କରିଥିଲେ, ହେଲେ କିଛି ଦିନ ପରେ ବିବାଦ ହେବାରୁ ପୁଣି ସଂଜୟ ପାଖକୁ ଫେରି ଆସିଥିଲେ । ଏହାକୁ ନେଇ ଉଭୟଙ୍କ ଭିତରେ ପାଟିତୁଣ୍ଡ ପରେ ଗତ ୩ ତାରିଖରେ ପୁଷ୍ପଲତାଙ୍କ ତଂଟି ଚିପି ହତ୍ୟା କରିଥିଲା ସଂଜୟ । ସଂଜୟ ଜଣେ ବୋଲେରୋ ଡ୍ରାଇଭର । ଉଭୟ ପୁଷ୍ପଲତାଙ୍କ ମୃତଦେହକୁ ସଂଜୟର ବୋଲେରୋରେ ଅନ୍ଧାରୁଆର ଦାସପୁର ନେଇ ଛୁରୀରେ ମୁଣ୍ଡ କାଟିବା ପରେ ମୃତଦେହକୁ ସେଠାରେ ଛାଡିଦେଇଥିଲେ ଏବଂ କଟା ମୁଣ୍ଡକୁ ସେଠାରୁ ୨ କିମି ଦୂରରେ ଫିଙ୍ଗିଥିଲେ ବୋଲି ସିପି କହିଛନ୍ତି । ସିପି କହିଛନ୍ତି ଯେ ଉଭୟ ସଂଜୟ ଓ ଶ୍ରୀକାନ୍ତ ଗଞ୍ଜାମ ଜିଲ୍ଲାର ହୁମା ଅଂଚଳର । ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ମୁଣ୍ଡ କାଟିବାକୁ ଯୋଜନା କରିଥିଲେ । ରାତିରେ ସେମାନେ ଖଣ୍ଡଗିରିର ଏକ ମାର୍କେଟ୍ ରୁ ଗ୍ଲୋବସ୍ ଓ ଛୁରୀ କିଣି ଆଣିଥିଲେ ବୋଲି ସିପି କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଭରତପୁର-ଚନ୍ଦକା ରାସ୍ତାର ଦାସପୁର ପାଖରେ ଜଣେ ଅଚିହ୍ନା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ପଡ଼ିଥିଲା । ମୁଣ୍ଡ ନଥିବାରୁ ମହିଳାଙ୍କ ପରିଚୟ ମିଳିବା କଷ୍ଟକର ହୋଇଥିଲା । ଏଥିପାଇଁ ରାଜଧାନୀର ବିଭିନ୍ନ ଅଂଚଳରେ ପୋଷ୍ଟର ମଧ ମରାଯାଇଥିଲା । ମହିଳାଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଥିଲା । ସିପି କହିଛନ୍ତି ଯେ ଗତ ୯ ତାରିଖରେ ଘଟଣାର ସ୍ପଷ୍ଟ ତଥ୍ୟ ମିଳିଥିଲା । ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେମାନେ ସତ ମାନିଥିଲେ । ପରେ ପୋଲିସ୍ ସେମାନଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରାଇଥିଲା । ପରେ ମହିଳାଙ୍କ ମୁଣ୍ଡ ମିଳିଥିଲା ।

### ପ୍ରତିରକ୍ଷା ବିଭାଗ ...

ପେସ କରାଯାଇଥିବା ୬୬୬ ସେକେଣ୍ଡର ଅଡିଓ କ୍ଲିପରେ ବିଦେଶୀ ଏଜେଣ୍ଟଙ୍କ ସହ ଈଶ୍ୱର ବେହେରାର ବାର୍ତ୍ତାଳାପ ଓ ଆବୁଧାବି, କୋଲକାତା, ଆଜମେର ତଥା ବିହାରରୁ ବିଭିନ୍ନ ଆକାଉଣ୍ଟରୁ ଈଶ୍ୱର ବେହେରାଙ୍କ ଜମାଖାତାକୁ ଆସିଥିବା ଅର୍ଥରାଶି ରେକର୍ଡ଼ପତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସରକାରୀ ଓକିଲ ପ୍ରକାଶ କରିଛନ୍ତି । ତେବେ ଦେଶ ବିରୋଧୀ ଷଡ଼ଯନ୍ତ୍ର ଭଳି ସଙ୍ଗୀନ ଅପରାଧ ଭିତ୍ତିକ ଏହା ଏକ ବିରଳ ମାମଲା ହୋଇଥିବା ବେଳେ ଈଶ୍ୱର ବେହେରାଙ୍କୁ ମତ୍ୟୁଦଣ୍ଡ ପ୍ରଦାନ ପାଇଁ କ୍ରାଇମବ୍ରାଞ୍ଚ ଓକିଲ ଆବେଦନ କରିଥିଲେ । ମାତ୍ର ଏଡିସନାଲ ଡିଷ୍ଟ୍ରିକ ଜଜ-୧ ଶ୍ରୀ ମହାପାତ୍ର ଏହାକୁ ଆଜୀବନ କାରାଦଣ୍ଡରେ ସୀମିତ ରଖିଛନ୍ତି । ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର କେନ୍ଦ୍ରରେ ଜଣେ ଠିକା ଫଟୋ ଓ ଭିଡିଓ ଗ୍ରାଫର ଭାବେ କାର୍ଯ୍ୟ କରି ଆସୁଥିଲେ ଈଶ୍ୱର ବେହେରା । ବିଦେଶୀ ଏଜେଣ୍ଟଙ୍କୁ ଗୁପ୍ତ ତଥ୍ୟ ବିକ୍ରି କରୁଥିବା ନେଇ ଗୋଇନ୍ଦା ବିଭାଗଠାରୁ ସୂଚନା ପାଇ ଚାନ୍ଦିପୁର ପୁଲିସ ୨୦୧୫ ମସିହା ଜାନୁଆରୀ୨୨ ତାରିଖରେ ଈଶ୍ୱର ବେହେରାକୁ ଗିରଫ କରିଥିଲା । ପରେ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । ସେହିଦିନଠାରୁ ଈଶ୍ୱର ବେହେରା ବାଲେଶ୍ୱର ଜେଲରେ ରହି ଆସୁଥିଲେ । ଇତିମଧ୍ୟରେ ସେ ବହୁବାର ଆବେଦନ କରିଥିବା ଜାମିନକୁ କୋର୍ଟ ପକ୍ଷରୁ ଖାରଜ କରାଯାଇଥିଲା । ତେବେ ଆଜିର ଏହି ରାୟ ବିରୋଧରେ ହାଇକୋର୍ଟରେ ଅପିଲ କରିବା ନେଇ ଈଶ୍ୱର ବେହେରାଙ୍କ ଓକିଲ ସୂଚନା ଦେଇଛନ୍ତି ।

### 'ନିଖୋଜ ପୋଷ୍ଟର' ଗଣ୍ଡଗୋଳରେ ...

ସାଂସଦ ଅପରାଜିତା ଷଡଙ୍ଗୀ । ସେ କହିଛନ୍ତି, ଭୁବନେଶ୍ୱରବାସୀ ତାଙ୍କ ଅନୁପସ୍ଥିତି ଅନୁଭବ କରୁଥିବା ଜାଣି ଖୁସି ଲାଗିଲା । ସଂସଦର ବଜେଟ ଅଧିବେଶନ ଚାଲିଥିବାରୁ ଦିଲ୍ଲୀରେ ଅଛି । ଫେବ୍ରୁଆରୀ ୧୫ ତାରିଖରେ ଭୁବନେଶ୍ୱର ଫେରୁଛନ୍ତି ବୋଲି ଅପରାଜିତା କହିଛନ୍ତି । ଭୁବନେଶ୍ୱରରେ ପହଞ୍ଚିବା ପରେ 'ଜାତୀୟ ଐତିହ୍ୟ ପ୍ରାଧୀକରଣ' (ଏନ୍ଏମ୍ଏ) ଉପନିୟମ ଚିଠା ପ୍ରସ୍ତାବ ସଂପର୍କରେ ଅନୁଧ୍ୟାନ କରିବି ଏବଂ ସେହିସବୁ ସ୍ଥାନ ବୁଲିବା ପରେ ଉପଯୁକ୍ତ ପଦକ୍ଷେପ ନେବି ବୋଲି ଅପରାଜିତା କହିଛନ୍ତି ।

### ଓଡିଶା ଓ ଆନ୍ଧ୍ର ସୀମାରେ ....

କିଛିଦିନ ପୂର୍ବରୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ କୋଟିଆରେ ନିର୍ବାଚନ କରାଯିବା ନେଇ ବି ପ୍ରସ୍ତୁତି ଶେଷ ହୋଇଥିଲା । କୋଟିଆ ଅଞ୍ଚଳର କିଛି ଲୋକ ଏହି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ବି ନାମାଙ୍କନ ଦାଖଲ କରିସାରିଥିଲେ । ଏକଥା ପ୍ରଘଟ ହେବା ପରେ ରାଜ୍ୟ ସରକାର ତୁରନ୍ତ ଏହା ଉପରେ ହସ୍ତକ୍ଷେପ କରି ନିର୍ବାଚନରୁ ଓହରି ଆସିବାକୁ କୋଟିଆ ଅଞ୍ଚଳର ଲୋକଙ୍କୁ ଅନୁରୋଧ କରିଥିଲେ । ସେମାନେ ବି ନିର୍ବାଚନ ପାଇଁ ଦାଖଲ କରିଥିବା ପ୍ରାର୍ଥୀପତ୍ର ପତ୍ୟାହାର କରିନେଇଥିଲେ । ହେଲେ ଆନ୍ଧ୍ରର ବାରମ୍ବାର ଏଭଳି ଦାଦାଗିରି ବାବଦରେ ସୁପ୍ରିମ କୋର୍ଟରେ ଜରୁରୀ ଶୁଣାଣି ପାଇଁ ଆବେଦନ କରିଥିଲେ ରାଜ୍ୟ ସରକାର । ରାଜ୍ୟ ସରକାରଙ୍କ ଏହି ଆବେଦନକୁ ଗ୍ରହଣ କରି ଏହି ମାମଲା ଉପରେ ଆସନ୍ତା କାଲି ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି ସୁପ୍ରିମ କୋର୍ଟ ।

### ୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର...

ଆପଣମାନଙ୍କ ସହଯୋଗରେ ଆଜି କରୋନାକୁ ନିୟନ୍ତ୍ରଣ କରିବାରେ ଆମେ ସଫଳ ହୋଇଛୁ । ଏ ଦିଗରେ ଗଞ୍ଜାମର ସଫଳତା ସାରା ବିଶ୍ୱର ପ୍ରଶଂସା ପାଇଥିଲା । ଟୀକାକରଣ ଆରମ୍ଭ ହୋଇଥିଲେ ମଧ ବର୍ତମାନ ସୁଦ୍ଧା ବିପଦ ପୁରା ଦୂର ହୋଇନାହିଁ । ତେଣୁ ଆମକୁ ସାବଧାନ ରହିବାକୁ ହେବ ।" ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ହିଞ୍ଜିଳିର ଜନସାଧାରଣଙ୍କ ସୁଖଦୁଃଖ, ସବୁଥିରେ ସେ ସେମାନଙ୍କ ସହିତ ରହିଛନ୍ତି ଓ ରହିଥିବେ । ସାରା ଓଡିଶା ସହିତ ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଞ୍ଚଳର ବିକାଶ ଉପରେ ସେ ନଜର ରଖିଛନ୍ତି ବୋଲି କହିଥିଲେ । ହିଞ୍ଜିଳି ସହରର ବିକାଶ ପାଇଁ ୨୮କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଗଲା ବୋଲି ପ୍ରକାଶ କରି ସେ କହିଥିଲେ ଯେ ଆଧୁନିକ ସହର ମାନଙ୍କରେ ମିଳୁଥିବା ବିଭିନ୍ନ ସୁବିଧା ହିଞ୍ଜିଳିବାସୀ ଯେପରି ପାଇପାରିବେ, ସେଥିପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି । ରାଜ୍ୟର ଛୋଟ ଛୋଟ ସହରର ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ହିଞ୍ଜିଳିର ନୂତନ ପ୍ରକଳ୍ପ ଗୁଡିକ ସଂପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସ୍କା ସାଂସଦ ଶ୍ରୀମତୀ ପ୍ରମିଳା ବିଷୋଇ, ପୋଲସରା ବିଧାୟକ ଶ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ.ମହାପାତ୍ର, ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଜି. ମାଥିଭାତନନ୍, ଗଞ୍ଜାମ ଜିଲ୍ଲାପାଳ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନୂତନ ଏସଓପି ଅନୁଯାୟୀ...

୬ଟା ୨୫ ତଡ଼ପ ଲାଗି, ୬ଟା ୫୦ ଅବକାଶ ପୂଜା, ୭ଟା ୩୫ ରେ ମଇଲମ, ୭ଟା ୪୦ ରେ ରୋଷ ହୋମ, ୭ଟା ୫୫ ବେଶ ଶେଷ, ୮ଟା ୩୫ ରେ ସୂର୍ଯ୍ୟ ପୂଜା, ୮ଟା ୫୦ ରେ ଦ୍ୱାରପାଳ ପୂଜା, ପରେ ପରେ ଶ୍ରୀଜୀଉଙ୍କ ଅନ୍ୟାନ୍ୟ ନୀତିକାନ୍ତି ଜାରୀ ରଖିଛନ୍ତି ସେବାୟତ ମାନେ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ମାନେ ମନ୍ଦିର ଭିତର ଓ ବାହାରେ ମୁହଁରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ଏହା ସହ ଶ୍ରଦ୍ଧାଳୁ ମାନେ ହାତ ସାନିଟାଇଜ୍ କରି କୋଭିଡ୍ ନିୟମ ଅନୁଯାୟୀ ଶାରିରୀକ ଦୂରତା ରକ୍ଷା କରି ମନ୍ଦିର ଭିତରେ ପ୍ରବେଶ କରୁଥିବା ଦେଖାଯାଇଛି ।

## ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସପର୍ପଣ ଦିବସ ପାଳିତ



ଭଦ୍ରକ,୧୧।୦୨ (ନି.ପ୍ର): ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ମହାପ୍ରୟାଣ ଦିବସକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ ନାୟକ, ବରିଷ୍ଠ ବିଜେପି ନେତା ଶ୍ରୀହର୍ଷ ସ୍ୱାଇଁ, ମମତା ବେହେରା ପ୍ରମୁଖ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କର ଜୀବନାଦର୍ଶ ଉପରେ ଆଲୋକପାତ କରି ତାଙ୍କୁ ଜଣେ ପ୍ରଖର ରାଷ୍ଟ୍ରବାଦୀ ଚିନ୍ତାନାୟକ ଓ ଏକାତ୍ମମାନବବାଦ୍‌ର ପ୍ରଣେତା ବୋଲି ଅଭିହିତ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ସାମଲ, ଅନିଲ ବେହେରା, ପ୍ରମୋଦ ସାମଲ, ଭାଗିରଥୀ ମହାକୁଡ, ବସନ୍ତ ବେହେରା ପ୍ରମୁଖ ଯୋଗ ଦେଇ ପଣ୍ଡିତ ଦୀନଦୟାଲଙ୍କର ରାଷ୍ଟ୍ରପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ମଣ୍ଡଳ ସଭାପତି ନାରାୟଣ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଧାର ଦେବାକୁ ମନାକରିବାରୁ ଜୋତା ବ୍ୟବସାୟୀଙ୍କୁ ମାଡ ଅଭିଯୋଗ

ବାଲିଆପାଳ,୧୧।୦୨ (ନି.ପ୍ର): ବାଲିଆପାଳ ଥାନାଠାରୁ ୨୦୦ମିଟର ଦୂର ଜାମକୁଣ୍ଡା ଛକ ନିକଟରେ ବୁଧବାର ରାତ୍ରୀରେ ଉଧାର ନଦେବାକୁ କେନ୍ଦ୍ରକରି ଦୋକାନ ଭିତରେ ପଶି ଦୋକାନୀ ଏବଂ ଦୋକାନରେ ଥିବା ତାଙ୍କର ସଂପର୍କୀୟ ମାନଙ୍କୁ ନିର୍ଦ୍ଦୁମ ମାଡ ମରାଯିବା ସହ ଜାତି ଉଠାଇ ଗାଳିଗୁଲଜ କରିବାକୁ ନେଇ ବାଲିଆପାଳଲଥାନାରେ ଲିଖିତ ଅଭିଯୋଗ ହୋଇଛି ।ଗଣ୍ଡଗୋଳ ସମୟର ଭିଡିଓ ଦୋକାନର ସିସିସି କ୍ୟାମେରାରେ କଏଦ ହୋଇଛି ।ଅଭିଯୋଗ ମୁତାବକ ବାଲିଆପାଳ ଗ୍ରାମର ସାଜିତ ଖାଁଙ୍କର ଜାମକୁଣ୍ଡା ଛକ ନିକଟରେ ଏକ ଜୋତାତ ଦୋକାନ ରହିଛି ।ବୁଧବାର ରାତ୍ରୀ ପ୍ରାୟ ୯ଟା ସମୟରେ କୁଦମାନସିଂ ଗ୍ରାମର ପ୍ରତାପ ପାତ୍ରଙ୍କ ତିନିପୁଅ ଶିବଶଙ୍କର ପାତତ୍ର,ଜଗନ୍ନାଥ ପାତ୍ର,ଦୀପଙ୍କର ପାତ୍ର ସାଜିତଙ୍କ ଦୋକାନକୁ ଜୋତା କିଣିବା ପାଇଁ ଆସିଥିଲେ ।ସେମାନେ ୩ ହଳ ଜୋତା ବାଛିଥିଲଲେ ।ଡିସକାଉଣ୍ଟପରେ ସାଜିତ ସେମାନଙ୍କୁ ୫୪୦ଟଙ୍କା ଦେବାକୁ କହିଥିଲା ।ମାତ୍ର ସେମାନେ ୨୦୦ଟଙ୍କା ଦେଇ ବକେୟା ଟଙ୍କା ସକାଳେ ଦେଇଦେବେ ବୋଲି କହିଥିଲେ ।ମାତ୍ର ସାଜିତ ଦୋକାନ ବନ୍ଦ ସମୟରେ ଉଧାର ଦେବାକୁ ମନା କରିଦେଇଥିଲା ।ପରେ ସସେମାନେ ସେମାନଙ୍କ ବାପାଙ୍କୁ ଫୋନକରି ଡାକିଥିଲେ ।ପ୍ରତାପ ମ୍ନ ଦୋକାନରେ ପହଂଚି ଉଧାର ଦେବାକୁ କହିଥିଲେ ।ସାଜିତ ଏଥିରେ ଅମଙ୍ଗ ହେବାରୁ ରାଗିଯାଇ ପ୍ରତାପ ଏବଂ ତାଙ୍କର ପୁଅମାନେ ଦୋକାନବୀତରୁ ଜୋତାସବୁ ବୃଣିଦେବା ସହ ସାଜିତଙ୍କୁ କଲର ଧରି ମାଡ ମାରିଥିଲେ ।ଏହାଦେଖି ପାଖରେ ଦୋକାନ କରିଥିବା ସାଜିତଙ୍କ ବଡଭାଇ ଜାକିର ଖାଁ ଧାଇଁଆସି ସେମାନାଙ୍କୁ ଅଟକାଇବାକୁ ଚେଷ୍ଟାକରିବାରୁ ସେମାନେ ତାଙ୍କୁ ମ୍ନ ଜାତି ଉଠାଇ ଗାଳିଗୁଲଜ କରିବା ସହହ ମାଡ ମାରିଥିଲେ ।ପରେ ଛକରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ । ଏନେଇ ସାଜିତ ବାଲିଆପାଳଲ ଥାନାରେ ସିସିଟୀଭି ଫୁଟେଜ ସହ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଏହହି ଘଟଣାକୁ କେନ୍ଦ୍ରକରିସ୍ଥାନୀୟ ଅଂଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

## ଅବକାରୀ ବିଭାଗର ଚଢାଉ : ବିପୁଳ ମଦ ଜବତ୍

ଜଳେଶ୍ୱର, ୧୧/୨ (ନିପ୍ର) : ବାଲେଶ୍ୱର ଅବକାରୀ ଏସ୍‌ପି ଏସ୍.କେ. ଆସଫ ଅଲ୍ଲିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ପୋଲିସ ସହାୟତାରେ ଗତକାଲି ରାତ୍ରୀରେ ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ଚେକ୍‌ଗେଟ୍, ଖାଲିନା କେନାଲ ପାଖ ଓ ଜଳଧା ଅଂଚଳରେ ଚଢାଉ କରି ବିପୁଳ ଦେଶୀ ସହିତ ମଦରନ୍ଧାଲାଗି ସାମଗ୍ରୀ ଜବତ୍ କରିଛି । ଏଥିରେ ୪.୮୦୦ ଲିଟର ଦେଶୀ ମଦ, ୪୫୦ ଲିଟର ମହୁଲୀ ପୋଚ୍ ଓ ୧୨୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ନାରାୟଣ ମହାନ୍ତି, ମିଥୁନ ପାତ୍ରଙ୍କୁ ଗିରଫ କରାଯାଇଛି । ଏହି ଚଢାଉରେ ଜଳେଶ୍ୱର ଅବକାରୀ ଏସ୍‌ଆଇ ଦେବେନ୍ଦ୍ର ବେହେରା, ଭୋଗରାଇ ଏସ୍‌ଆଇ ଜୟନ୍ତୀ ଆଚାର୍ଯ୍ୟ, ଜନେଷ୍ଟବଳ ରାମଚନ୍ଦ୍ର ମହାନ୍ତି, ବାବାଜି ପଣ୍ଡିତ, ରାଜୀବ ଭଂଜ, ପିଂକି ମାରାଣ୍ଡିଙ୍କ ସହିତ ୬ଜଣ ଏପିଆର୍ ସାମିଲ ଥିଲେ ।

## ଜାତୀୟ ରାଜପଥ ୬୦ରେ ଟ୍ରକ୍‌କୁ ପିଟିଲା ବସ୍ : ୩ ମୁମୁର୍ଷୁ




ଜଳେଶ୍ୱର, ୧୧/୨ (ନିପ୍ର) : ଆଜି ଗୁରୁବାର ଭୋର ୩ଟା ସମୟରେ ବାଲେଶ୍ୱର ଜିଲା ୬୦ନଂ ଜାତୀୟ ରାଜପଥ ଆମ୍ବଳିଅଠା ବାଇପାସ୍‌ଠାରେ ଏକ ଯାତ୍ରୀବାହି ମାଲ ବୋଝେଇ ବସ୍ ଦ୍ରୁତ ବେଗରେ ଆସି ଆଗରେ ଯାଉଥିବା ଏକ ଆନ୍ଧ୍ର ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଡବ୍ଲୁବି୪୫-୦୨୯୮ ନଂ ମାଲ ବୋଝେଇ ବସ୍‌ଟି ଭୁବନେଶ୍ୱରରୁ କଲିକତା ଅଭିମୁଖେ ଯାଉଥିବା ଜଣାଯାଇଛି । ଘନ କୁହୁଡି ହୋଇଥିବାରୁ ଡ୍ରାଇଭର ଆଗକୁ ଦେଖାପାରିନଥିବା କୁହାଯାଉଛି । ଏଥିରେ ୭ଜଣ ଯାତ୍ରୀ ଆହତ ହୋଇ ଜିକେଭଟର ହସ୍‌ପିଟାଲରେ ଚିକିତ୍ସିତ ହୋଇଛନ୍ତି । ସେଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ବାଲେଶ୍ୱର ମେଡିକାଲକୁ ପଠାଯାଇଛି । ଅନ୍ୟ ଯାତ୍ରୀମାନଙ୍କୁ ସେମାନଙ୍କ ଘରକୁ ଫେରାଇ ଦିଆଯାଇଛି ।

## ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ କିଣିବାକୁ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ

ଜଳେଶ୍ୱର, ୧୧/୨ (ନିପ୍ର) : ଅଭାବି ବିକ୍ରିରୁ ଚାଷୀଙ୍କୁ ରକ୍ଷା କରିବାଲାଗି ସରକାରୀ ସମବାୟ ସମିତି (ପୋସ୍କ) ମାଧ୍ୟମରେ ଧାନ କିଣିଥାନ୍ତି । ଏଥିଲାଗି ଅନ୍‌ଲାଇନ୍‌ରେ ନାମ ପଂଜିକରଣ ପରେ ସେମାନଙ୍କୁ ଟୋକନ୍ ମିଳିଥାଏ । ସମବାୟ ସମିତି ମାଧ୍ୟମରେ ମିଲରମାନେ ଚାଷୀଙ୍କ ଠାରୁ କ୍ରମନ୍ନୟରେ ଧାନ କିଣିଥାନ୍ତି । ମାତ୍ର ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଅଲାଲପୁର ସେବାସମବାୟ ସମିତିରେ ବହୁ ପଂଜିକୃତ ଚାଷୀ ଟୋକନ୍ ପାଇଥିଲେ ମଧ୍ୟ ଧାନ ବିକ୍ରି କରି ନପାରି ଅଭାବି ବିକ୍ରିର ସମ୍ମୁଖୀନ ହୋଇଛନ୍ତି । ଏହାର ଆସୁ ସମାଧାନ ଲାଗି ଫାଲଗୁନୀ ପାଣିଗ୍ରାହୀ, ଅନନ୍ତ କୁମାର ଦାସ, ସଂଜିବ କୁମାର ପ୍ରଧାନ, ପ୍ରଣବ କୁମାର ବେହେରା, ବରେନ୍ଦ୍ର ପରିଡା, ବେଣୁଧର ଦେ, ଜୟନାରାୟଣ ପରିଡା, ଅନାଦୀ ଗିରି, ବନମାଳୀ ଗିରି, ହରିଶଂକର ବେହେରା, ବିମଳ ସାମଲ, କାର୍ତ୍ତିକ ଗିରି, ରାକେଶ ସେଣ, ମଦନ ପରିଡା, କାଳିଚରଣ ସେଠୀ ପ୍ରମୁଖ ବାଲେଶ୍ୱର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବିଜେପି ପକ୍ଷରୁ ବାଲେଶ୍ୱରରେ ସମର୍ପଣ ଦିବସ



ବାଲେଶ୍ୱର,୧୧।୦୨ (ନି.ପ୍ର): ବାଲେଶ୍ୱରମହାନ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ବିଜେପି ପକ୍ଷରୁ ବାଲେଶ୍ୱରରେ ସମର୍ପଣ ଦିବସ ଗୁରୁବାର ପାଳିତ ହୋଇଯାଇଛି । ବିଜେପି ନଗର ମଣ୍ଡଳ କମିଟି ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଉମାକାନ୍ତ ମହାପାତ୍ର, ସଦର ନିର୍ବାଚନମଣ୍ଡଳୀ ମୁଖ୍ୟ ମାନସ କୁମାର ଦତ୍ତ, ମହିଳା ମୋର୍ଚ୍ଚା ଜିଲା ସଭାପତି କମଳା ବିନ୍ଧାଣୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମେତ ଦେଶ ଗଠନରେ ସ୍ୱର୍ଗତ ଉପାଧ୍ୟାୟଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏଭଳି ମହାନ ଜନନାୟକଙ୍କ ଅବଦାନକୁ ଉଚିତ ମୂଲ୍ୟାଙ୍କନ ସହ ତାଙ୍କର ମହାପ୍ରୟାଣ ଦିବସକୁ ସମ୍ପ୍ରତି ଦେଶବ୍ୟାପୀ ସମର୍ପଣ ଦିବସ ଭାବେ ପାଳନ କରାଯାଉଥିବା ବିଜେପି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା ସମର୍ପଣ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାସ, ପର୍ଶୁରାମ ପରିଡ଼ା, ଗଙ୍ଗାଧର ରାଉତ, ଶ୍ରୀନିବାସ ପ୍ରଧାନ, ଅରୂପ ଜେନା, ରଂଜିତ କୁମାର ପ୍ରଧାନ, ରାଜେଶ ମହାପାତ୍ର ପ୍ରମୁଖ ବିଜେପି କର୍ମକର୍ତ୍ତା ଏଥିରେ ଯୋଗଦେଇ ସମର୍ପଣ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଜେପି ଟାଉନ କମିଟି ପକ୍ଷରୁ ଆଦାୟ ହୋଇଥିବା ନିଧି ଜିଲା ସଭାପତି ଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସମର୍ପଣ ଦିବସ ପାଳନ ଅବସରରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ନିଧି ଗ୍ରହଣ କାର୍ଯ୍ୟ ଜାରି ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## କମୋଡ଼ର ଏନ୍.ପି ପ୍ରଦୀପଙ୍କର ସୈନିକ ସ୍କୁଲ ପରିଦର୍ଶନ

ଭୁବନେଶ୍ୱର,୧୧।୦୨ (ନି.ପ୍ର): ଆଇ.ଏନ୍.ଏସ୍ ଚିଲିକାର କମାଣ୍ଡିଙ୍ଗ ଅଫିସର କମୋଡ଼ର ଏନ୍.ପି ପ୍ରଦୀପ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ସ୍ଥିତ ସୈନିକ ସ୍କୁଲ୍ ପରିଭ୍ରମଣରେ ଆସିଥିଲେ। ତାଙ୍କର ପରିଦର୍ଶନ ସମୟରେ କମୋଡ଼ର ଏନ୍.ପି. ପ୍ରଦୀପ ଏହି ସ୍କୁଲ୍‌ର ଛାତ୍ରମାନଙ୍କ ନିମିତ ଉଦ୍ଦିଷ୍ଟ ଛାତ୍ରନିବାସ, ଜିମ୍‌ନାସିୟମ, ଶହୀଦ ସ୍ମୃତିସ୍ତମ୍ଭ, ସନ୍ତରଣାଗାର ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଆନୁଷଙ୍ଗିକ ତାଲିମ୍ କେନ୍ଦ୍ର ପରିଦର୍ଶନ କରି ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ।

# ପୋଲିସ ସହାୟତା କେନ୍ଦ୍ରର ଶୁଭାରମ୍ଭ ଫସର ଫାଟିଲା



ନୀଳଗିରି,୧୧।୦୨ (ନି.ପ୍ର): ନୀଳଗିରିସ୍ଥିତ ବାବା ପଂଚଲିଙ୍ଗେଶ୍ୱର ଶୈବପୀଠରେ ଦୈନନ୍ଦିନ ରାହାଜାନୀ, ବଳାତ୍କାର, ଅସାଧୁ ବ୍ୟକ୍ତିଙ୍କ ପାର୍ଦୁଭାବ ବଢ଼ି ଚାଲିଥିବା ବେଳେ ଏଠାରେ ଏକ ପୋଲିସ ସହାୟତା କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଂଚଳବାସୀ ଦାବୀ କରି ଆସୁଥିଲେ। ଗତ ବୁଧବାର ଦିନ ପୂର୍ବାଂଚଳ ଆଇ.ଜି. ଦୀପ୍ତେଶ ପଟ୍ଟନାୟକ, ଏସ.ପି. ସୁଧାଂଶୁ ଶେଖର ମିଶ୍ର, ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର, ପଂଚଲିଙ୍ଗେଶ୍ୱର ଯାଇ ଅନୁଧ୍ୟାନ କରି ପଂଚଲିଙ୍ଗେଶ୍ୱର ଠାରେ ଥିବା ପରିତ୍ୟକ୍ତ ବିଶ୍ରାମାଗାରକୁ ପୋଲିସ ସହାୟତା କେନ୍ଦ୍ର ଭାବେ କରାଯିବାର ନିଷ୍ପତି ନିଆଯାଇଥିଲା। ଉକ୍ତ ଯାତ୍ରୀ ବିଶ୍ରାମଗାରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ରଙ୍ଗ ଦିଆଯାଇ ଶୁଭାରମ୍ଭ କରିବା ପାଇଁ ଉପରିସ୍ଥ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଦିନ ପୋଲିସ ସହାୟତା କେନ୍ଦ୍ରକୁ ଶୁଭାରମ୍ଭ କରିବା ପାଇଁ କେବଳ ଗେଣ୍ଡୁମାଳ ଝୁଲାଇ କିଛି ସ୍ଥାନୀୟ ଲୋକଙ୍କୁ ଡକାଇ ଭଙ୍ଗା ଦଦରା ବିଶ୍ରାମଗାରକୁ ରଙ୍ଗ ନ ମାରି ଶୁଭାରମ୍ଭ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିବା ସାର ହୋଇଛି। ଏହାର କାରଣ ଜଣା ପଡ଼ି ନ ଥିବା ବେଳେ ନୀଳଗିରି ପୋଲିସ କ'ଣ ପାଇଁ ତରବରିଆ ଭାବେ ଶୁଭାରମ୍ଭ ପାଇଁ ଯାଇଥିଲେ ତାହା ଏବେ ସାଧାରଣରେ ଚର୍ଚ୍ଚା ଚାଲିଛି ।

## ବୀର ସିଦ୍ଧ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ଜନ୍ମ ଜୟନ୍ତି ପାଳିତ

ନୀଳଗିରି,୧୧।୦୨ (ନି.ପ୍ର): ଝାଡ଼ଖଣ୍ଡ ଅଂଚଳର ସ୍ୱାଧୀନତା ସଂଗ୍ରାମୀ ତଥା ରାଜତନ୍ତ୍ର ଶାସନର ବିରୋଧକୁ ପାଥେୟ କରି ଭାରତ ବର୍ଷର ରାଜତନ୍ତ୍ର ଶାସନ ଓ ଭାରତକୁ ଇଂରେଜ ଶାସନ ଲୋପ କ୍ଷେତ୍ରରେ ବୀର ସିଦ୍ଧ ମୁର୍ମୁ ଓ କାହ୍ନୁ ମୁର୍ମୁ ଦୁଇ ଜଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଏହାକୁ ମନେ ରଖିବା ପାଇଁ ନୀଳଗିରି ବ୍ଲକ କେ.ସି.ପୁର ପଂଚାୟତର ନଟାପଡ଼ା ବାଲିଆନାଳ ଠାରେ ଦୁଇ ଜଣ ବୀରପୁରୁଷଙ୍କର ଜନ୍ମ ଜୟନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଉପସ୍ଥିତ ରହି ଦୁଇ ବୀରପୁରୁଷଙ୍କ ଜୀବନୀ କାହାଣୀ ଉପରେ ଆଲୋକପତା କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ଲେଙ୍କା, ରବିନ୍ଦ୍ର ନାୟକ, ମନୋରଂଜନ ମହାନ୍ତି, ଜୟରାମ ମାରାଣ୍ଡି ଉପସ୍ଥିତ ରହି ବୀରପୁରୁଷଙ୍କର ଗାରିମା ଉପରେ ଚର୍ଚ୍ଚା କରିଥିଲେ । ୨ଜଣ ବିରପୁରୁଷଙ୍କ ନାମରେ କଲିକତା, ବିହାର , ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଅଛି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରୋହିତ ମୁର୍ମୁ, ବନମାଳି ମାରାଣ୍ଡି, କନ୍ଧା ମୁର୍ମୁ, ଭଦ ଟୁଡ୍ଡୁ, ନନ୍ଦକିଶୋର ସିଂ, ଡୁମାପ୍ରସାଦ ସିଂ, ଶ୍ରିନିବାସ ବାଗ, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିପଦ ସଂକୁଳ ଜାତୀୟ ରାଜପଥ ୬୦

ଜଳେଶ୍ୱର, ୧୧/୨ (ନିପ୍ର) : ସ୍ୱର୍ଣ୍ଣଚତୁଭୂଜର ଅଂଶ ସ୍ୱରୂପ ଜାତୀୟ ରାଜପଥ ୬୦ର ବିଭିନ୍ନ ସ୍ଥାନ ଫାଟ ବିପଦ ସଂକୁଳ ପରିସ୍ଥିତି ସୃଷ୍ଟି କରିଛି । ଜଳେଶ୍ୱର ବାଇପାସ୍ ଠାରୁ ନୂତନ କୋର୍ଟ ମଧ୍ୟରେ ବିଭିନ୍ନ ସ୍ଥାନରେ ରାସ୍ତାଟି ଫାଟି ଯାଇଥିବାରୁ ଯେ କୌଣସି ବଡ ଦୁର୍ଘଟଣାକୁ ଏଡାଇ ଯାଇ ହେବ ନାହିଁ । । ଫାଟି ଏପରି ହୋଇଛି ଯେ ଗାଡିର ଚକ କିମ୍ବା ପାଦରେ ଚାଲି ଯାଉଥିବା ଲୋକଙ୍କ ଗୋଡ ଗଳିଯିବାର ସମ୍ଭାବନା ରହିଛି । ଦୁଇଚକିଆ ଯାନ ଓ ସାଇକେଲ ଆରୋହୀଙ୍କ ଯେ କୌଣସି ସମୟରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । ବହୁଦିନରୁ ଏପରି ଫାଟ ଦେଖିଯାଇଥିଲେ ମଧ୍ୟ ତାହାର ମରାମତି ହେଉନାହିଁ । ଏହାର ରକ୍ଷଣାବେକ୍ଷଣ ଲାଗି କୌଣସି ବ୍ୟବସ୍ଥା ହେଉନାହିଁ । କର୍ତ୍ତୃପକ୍ଷ ତୁରନ୍ତ ମରାମତି କରିବାକୁ ବହୁ ବୁଦ୍ଧିଜିବୀମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲା ପ୍ରଶାସନର କୋଭିଡ଼ ଟିକା: ଲକ୍ଷ୍ୟ ୩ଶହ, ନେଲେ ୨୮୫



ଧାମନଗର,୧୧।୦୨ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ନୋଡ଼ାଲ ଅଫିସର ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରିଙ୍କ ତତ୍ୱାବଧାନରେ ବୁଧବାର ଦିନ ୨୮୫ଜଣଙ୍କୁ କୋଭିଡ଼ ଟୀକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୩ଶହ ଜଣଙ୍କୁ କୋଭିଡ଼ ଟୀକା ଦେବାକୁ ଧାର୍ଯ୍ୟ ଥିବାବେଳେ ଧାମନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ସମିତିର କର୍ମଚାରୀ, ଧାମନଗର ଥାନା କର୍ମଚାରୀ, ଧୁଷୁରୀ ଥାନା କର୍ମଚାରୀ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ, ତହସିଲ କାର୍ଯ୍ୟାଳୟର କର୍ମଚାରୀ, ସବ୍‌ରେଜିଷ୍ଟର, ଜଳଯୋଗାଣ ବିଭାଗ, ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ମିଶାଇ ମୋଟ ୨୮୫ଜଣଙ୍କୁ କରୋନା ଟୀକା ପ୍ରଦାନ କରାଯାଇଥିବା ଜଣାଯାଇଛି। ପ୍ରଥମେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧାମନଗର ଏସ୍‌ଡ଼ିପିଓ ଅଶୋକ କୁମାର ଦାସ, ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରି, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୁର୍ମୁ, ଧାମନଗର ତହସିଲଦାର ରାଧାକାନ୍ତ ବାରିକ, ଧୁଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସର୍ମିଷ୍ଠା ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ନାୟକ ଅଧିକାରୀଙ୍କ ସମେତ ଧାମନଗର ନିର୍ବାଚନ ମଣ୍ଡଳୀର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ମାନେ ଏହି କରୋନା ଟୀକା ନେଇଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ

ବାଲିଆପାଳ,୧୧।୦୨ (ନି.ପ୍ର): ବାଲିଆପାଳବ୍ଲକ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହ ର ଉଦଘାଟନ ଉତ୍ସବ ସହ ୩୦ ଲକ୍ଷଟଙ୍କା ବିନିମୟରେ ନିର୍ମିତ ହେବାକୁଥିବା ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ମହାବିଦ୍ୟାଳୟରର ଅଧକ୍ଷ ଡ. ସନ୍ତୋଷ କୁମାର ଦାସ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହହୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଧନଞ୍ଜୟ ଗିରି ଅଧାପକ ସରୋଜ ଗିରି, ରରମେଶ ଜେନା, ରଞ୍ଜନ କକୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘକୁ ଠାବ କରିବା ପାଇଁ ଦୁଲାରପୁର ଜଙ୍ଗଲରେ ପହଞ୍ଚିଲେ ରେଞ୍ଜର



ଖଇରା,୧୧।୦୨: (ନିପ୍ର) ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଦୁଲାରପୁର ଗ୍ରାମ ଦେଇ କାଂଶ ବାଂଶ ନଦୀକଡରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା ପରେ ବାଘକୁ ଠାବ କରିବା ପାଇଁ ଘଟଣା ସ୍ଥଳରେ ପହଞ୍ଚିଲେ ଫରେଷ୍ଟର ଓ ରେଞ୍ଜର । ବାଘଟି ନଦୀକୁ ପାଣି ପିଇବାକୁ ଆସିଥିବାବେଳେ ସ୍ଥାନୀୟ ଜଣେ ବ୍ୟକ୍ତି ମୋବାଇଲରେ ଚିତ୍ର ଉତ୍ତୋଳନ କରି ସୋସିଆଲ ମିଡିଆରେ ପ୍ରଚାରିତ କରିଥିଲେ । ବାଘ ବୁଲୁଥିବା ଭିଡିଓ ଦେଖି ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ନଦୀକୂଳକୁ ଭିଡି ରହିଥିବା ଗ୍ରାମ ଆନନ୍ଦପୁର, ଭାସ୍କରପୁର, ଦଲାରପୁର, ଟିପିସିଗଡିଆ, ବରଗିଡି ପ୍ରଭୃତି ଗ୍ରାମବାସୀମାନେ ଆତଙ୍କିତ ଭାବରେ ରହିଥିବାର ଜଣାପଡୁଛି । ସନ୍ଧ୍ୟା ହେଲେ ସମସ୍ତଙ୍କର ତାଟି କବାଟ ବନ୍ଦ ହୋଇଯାଏ । ଆଜି ଔପଦା ରେଞ୍ଜର ବବିତା ସୋରେନ ସହିତ କୁପାରି ବନଅଧିକାରୀ ଏବଂ ବନ କର୍ମଚାରୀମାନେ ସେହି ଜଙ୍ଗଲରେ ପହଞ୍ଚି ବାଘର ପଡିଥିବା ପାଦ ଚିହ୍ନ ସହିତ ତାର ଗତିବିଧିକୁ ଲକ୍ଷ୍ୟ କରିବା ସହିତ କିଛି ସ୍ଥାନରେ ବାଘର ମଳ ପଡିଥିବାର ଦେଖିବାକୁ ପାଇଲେ ଏବଂ ଏହି ମଳକୁ ଗବେଷଣାଗାରକୁ ପଠାଯାଇ ରିପୋର୍ଟ ଆସିଲା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଔପଦା ରେଞ୍ଜର ବବିତା ସୋରେନ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ବାଘକୁ ଧରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି । ପ୍ରକାଶ ଥାଉକି ବାଘ ସମେତ ତାର ଦୁଇଟି ସାବକ ମଧ ଥିବାର ଜଣାଯଇଛି ।

# ଅଭାବୀ ଧାନ ବିକ୍ରିକୁ ନେଇ ନିଜଗଡ଼ ସେବା ସମବାୟ ସମିତିରେ ଚାଷୀଙ୍କ ରାସ୍ତାରୋକ




ନୀଳଗିରି,୧୧।୦୨ (ନି.ପ୍ର): ଅଭାବୀ ଧାନ ବିକ୍ରିକୁ ନେଇ ଗୁରୁବାର ଦିନ ପୂର୍ବହ୍ନ ପ୍ରାୟ ୧୧ଟା ସମୟରେ ନିଜଗଡ଼ ସେବା ସମୟବା ସମିତି ର ଚାଷୀମାନେ ଧାନବସ୍ତା ପକାଇ ନୀଳଗିରି ସହର ର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଚାଷୀମାନଙ୍କ ଅନଲାଇନ ଟୋକନ ପ୍ରାପ୍ତ ପରେ ଗତ ୦୮.୦୨.୨୧ରିଖ ସୁଦ୍ଧା ୧୧ହଜାର କ୍ୱିଂଟାଲ ଧାନ ଟାର୍ଗେଟ ଥିବା ବେଳେ ଧାନ କ୍ରୟ ବନ୍ଦ ହୋଇଥିବାରୁ ଏହାକୁ ବିରୋଧ କରି ଚାଷୀମାନେ ରାସ୍ତା ରୋକରେ ବସିଥିଲେ । ଅଭାବୀ ଧାନ ବିକ୍ରିର ସୁଧାର ଆଣିବା ପାଇଁ ଚାଷୀମାନେ ୨୧.୧.୨୧ରିଖରେ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳ ଓ ନୀଳଗିରି ବିଧାୟକଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ପକାଇ ବସିଥିଲେ । ଘଟଣାସ୍ଥଳରେ ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା, ନୀଳଗିରି ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା, ସହକାରୀ ସମବାୟ ସମୂହର ଉପନିବନ୍ଧକ ଲକ୍ଷ୍ମୀଧର ରାଉତ ପହଂଚି ଚାଷୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଚାଷୀଙ୍କ ଧାନ କ୍ରୟ ହେବାର ପ୍ରତିଶୃତି ଦେବାପରେ ରାସ୍ତାରୋକ ଉଠିଥିଲା । ଏହି ରାସ୍ତାରୋକରେ ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ, କିଷାନ କଂଗ୍ରେସର ସଭାପତି ଯୋଶଦାନନ୍ଦନ ସିଂହ, ଅମରେନ୍ଦ୍ର ଦାସମହାପାତ୍ର, ରାମଚନ୍ଦ୍ର ବାରିକ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ରାମଚନ୍ଦ୍ର ଦାସ ସମେତ ବହୁ ଚାଷୀ ସାମିଲ ଥିଲେ ।

# ରାଧାନାଥଙ୍କ ଦୁଷ୍ପ୍ରାପ୍ୟ ରଚନା 'ଉତ୍କଳ ରଚନା'ର ଆଲୋଚନା




ବାଲେଶ୍ୱର,୧୧।୦୨ (ନି.ପ୍ର): ଯେତେବେଳେ ଓଡ଼ିଆ ଭାଷାକୁ ଉଠାଇ ଦେବାର ହୀନ ଚକ୍ରାନ୍ତ ଚାଲିଥିଲା ସେତେବେଳେ ଯେଉଁମାନେ ଓଡ଼ିଆ ଭାଷାକୁ ରକ୍ଷା କରିବାର ଉଦ୍ୟମ କରୁଥିଲେ ସେମାନଙ୍କ ମଧ୍ୟରୁ କବିବର ରାଧାନାଥ ରାୟ ଥିଲେ ଅନ୍ୟତମ। ସେ ଭଲ ଭାବରେ ଜାଣିଥିଲେ ଯେ ଓଡ଼ିଆ ଭାଷାକୁ ସୁରକ୍ଷିତ ରଖିବାକୁ ହେଲେ ଛାତ୍ର ଛାତ୍ରୀମାନଙ୍କଠାରେ ଶୁଦ୍ଧ ଓଡ଼ିଆ ଭାଷା ଲିଖନ ପ୍ରକ୍ରିୟାର ବୀଜ ବପନ କରିବାକୁ ପଡ଼ିବ। ସେଇଥିପାଇଁ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ରଚନା'ନାମରେ ଏକ ଗ୍ରନ୍ଥ ରଚନା କରି ପ୍ରକାଶ କରିଥିଲେ ଯାହା ଊନବିଂଶ ଶତାବ୍ଦୀରେ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସେହି ଗ୍ରନ୍ଥର ବିସ୍ତୃତ ଆଲୋଚନା ପରିଷଦର ପଡୁଆଁପଦା ସ୍ଥିତ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ରାଧାନାଥଙ୍କର ସକ୍ରିୟ ଭୂମିକା ସମ୍ପର୍କରେ ପ୍ରଫେସର ଡ.ରମାକାନ୍ତ ବେହେରା ଆଲୋଚନା କରିଥିଲେ। ଉତ୍କଳ ରଚନା ଗ୍ରନ୍ଥକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସାହିତ୍ୟିକା ଅରୁଣା ରାୟ ରାଧାନାଥ ଯେପରି ଜଣେ ଯୁଗପ୍ରବର୍ତ୍ତକ କବି ଥିଲେ ସେହିପରି ଜଣେ କୃତବିଦ୍ୟ ଓ ଆଦର୍ଶ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରନ୍ଥରେ ଥିବା ଶବ୍ଦ ଓ ବାକ୍ୟ ଗଠନରେ ଶୁଦ୍ଧତା, ଣିଜନ୍ତ ଓ ସନ୍ନନ୍ତ ପ୍ରକରଣ, ଯୁଗ୍ମ ଓ ବିପରୀତାର୍ଥ ବୋଧକ ଶବ୍ଦ, ସଂକ୍ଷିପ୍ତିକରଣ ଇତ୍ୟାଦି ସମ୍ପର୍କରେ ସେ ବ୍ୟାଖ୍ୟା କରିଥିଲେ। ଭେଷଜ ବିଶେଷଜ୍ଞ ଚୌଧୁରୀ ସତ୍ୟବ୍ରତ ନନ୍ଦ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଓ ରେମୁଣା ସାହିତ୍ୟ ସଂସଦର ସମ୍ପାଦକ ଡ.ଭାଗବତ ପ୍ରସାଦ ଦାସ ଗ୍ରନ୍ଥ ବିଷୟରେ ଆଲୋଚନା କରବା ସଙ୍ଗେ ସଙ୍ଗେ ଏଥିରେ ପ୍ରୟୋଗ କରାଯାଇଥିବା ବ୍ୟାକରଣିକ ତଥ୍ୟମାନ କେବଳ ଛାତ୍ର ଛାତ୍ରୀମାନଙ୍କ ପାଇଁ ନ ହୋଇ କିପରି ସମସ୍ତଙ୍କ ପାଇଁ ପ୍ରଯୁଯ୍ୟ ତାହା ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଦୀପକ ବୋଷ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ସଂପାଦକ ଗାଙ୍ଗିକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଯୁଗ୍ମ ସଂପାଦକ ସୁବ୍ରତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo